## ସଂକ୍ଷେପରେ

### କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବୁଲିଲେ ରାଜ୍ୟପାଳ

କୋରାପୁଟ,୧୫।୧୧(ସ୍ୱ.ପ୍ର.): ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ବୁଧବାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସୁନାବେଡ଼ା କ୍ୟାମ୍ପସ ପରିଦର୍ଶନ କରି ଏହାର କୁଳପତିଙ୍କ ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟ ନେଇ ଆଲୋଚନା କରିଛନ୍ତି। ବିଶ୍ୱବିଦ୍ୟାଳୟକୁ ନାକ୍ ମାନ୍ୟତା, ବିଜୁଳି, ଜଳ ବ୍ୟବସ୍ଥା, ରାସ୍ତା ନିର୍ମାଣ, ଚାରାରୋପଣ, ଷ୍ଟ୍ରିଟ ଲାଇଟ୍ ଏବଂ ହାଇମାଷ୍ଟ ଲାଇଟ ସ୍ଥାପନ, ଛାତ୍ରାବାସରେ ପ୍ରାଚୀର, ଅସ୍ଥାୟୀ ମାର୍କେଟ ଓ ସ୍ପୋର୍ଟସ କଂପ୍ଲେକ୍ସ ନିର୍ମାଣ, ଛାତ୍ରାବାସ ଲାଇବ୍ରେରୀ, ମାଗଣା ୱାଇଫାଇ ଓ ଯାତାୟତ ସେବା, ଉନ୍ନତ ଭାରତ କାର୍ଯ୍ୟକ୍ରମ, ହାଲ ସହ ଚୁକ୍ତି, ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ ବାବଦରେ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ରାଜ୍ୟପାଳଙ୍କୁ ସୂଚନା ଦେଇଥିଲେ। ଗସ୍ତ ବେଳେ ଡିନ ଏକାଡେମିକ ପ୍ରଫେସର କିଶୋର ଚନ୍ଦ୍ର ରାଉତ, ବିଭାଗୀୟ ମୁଖ୍ୟ ତଥା ଡିନ୍ ଜୈବ ବିବିଧତା ଓ ପ୍ରାକୃତିକ ସଂପଦ ସଂରକ୍ଷଣ ବିଭାଗର ପ୍ରଫେସର ଶରତ କୁମାର ପାଲିତା, କୁଳ ସଚିବ ଅସିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

### ଅନୁମତି ନଥାଇ କଟିଲା ଚନ୍ଦନ ଗଛ

ଜୟପୁର, ୧୫।୧୧(ଡି.ଏନ.ଏ): ଜୟପୁର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଭବନ ଛାତ୍ରୀ ନିବାସ ପିଏମଜି-୧ର ପରିସରରେ ରହିଥିବା ୧୦ ବର୍ଷର ଚନ୍ଦନ ଗଛକୁ ବନ ବିଭାଗର ଅନୁମତି ବିନା କଟାଯାଇଛି। ଛାତ୍ରୀ ନିବାସ ଦାୟିତ୍ୱରେ ରହିଥିବା ସୁପରିଣ୍ଟେଣ୍ଡେଣ୍ଟ ଏହି ଘଟଣା ଚପାଇ ଦେବାକୁ ପ୍ରୟାସ କରିଥିଲେ ବୋଲି ଅଭିଯୋଗ ହୋଇଛି । ଏନେଇ ମହାବିଦ୍ୟାଳୟର ଅଧକ୍ଷା ଡ. ରଚନା ଆଚାର୍ଯ୍ୟଙ୍କୁ ଯୋଗାଯୋଗ କରିବାରୁ ଛାତ୍ରୀ ନିବାସ ପରିସରରେ ଅନାବନା ଗଛ ରହିଥିବା ଯୋଗୁଁ ଏହାକୁ ସଫେଇ କରାଯାଉଥିଲା । କିନ୍ତୁ ଉକ୍ତ ସଫେଇ କରୁଥିବା ଶ୍ରମିକ ଭୁଲବଶତଃ ଉକ୍ତ ଚନ୍ଦନ ଗଛକୁ କାଟିଦେଇଥିଲେ । ସେହିପରି ଗଛଟି ଉଈ ପୋକଙ୍କ ଦ୍ୱାରା ଖରାପ ହୋଇଯାଇଥିଲା । ଏନେଇ ବନବିଭାଗକୁ ସୂଚନା ଦିଆଯାଇଛି ଏବଂ ବିଭାଗକୁ ଏହି କଟାଯାଇଥିବା ଗଛ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି । ଜୟପୁର ବନ ବିଭାଗରେ ରାଜାରାଜୁଡା ସମୟରେ ରହିଥିବା ଅନେକ ଚନ୍ଦନ ଗଛ କାଠ ଚୋରଙ୍କ ଦ୍ୱାରା ବେଆଇନ ଭାବେ କଟାଯାଇ ପୂରା ସଫା କରାଯାଇଛି । ଏହିପରି ବନ ବିଭାଗର ଅପାରଗତା ଯୋଗୁଁ ଗତ ଦିନରେ ଡିଏଫଓ ଏବଂ ଜିଲା ଜଜ୍‌ଙ୍କ ସରକାରୀ ବାସଭବନ ପରିସରରୁ ମଧ୍ୟ ଚନ୍ଦନ କାଠ ଲୁଟେରାଙ୍କ ଦ୍ୱାରା ଚୋରି ହୋଇଯାଇଥିଲା ।

■ ଚାଷୀଙ୍କ ପ୍ରତି ପୋଲିସ ବ୍ୟବହାରର ପ୍ରତିବାଦ ଜଣାଇଲା କୃଷକ ମଞ୍ଚ

# ଶୋଭାଯାତ୍ରା କଲେ, ଥାନା ଘେରିଲେ ଚାଷୀ


ଜୟପୁର ସଦର ପୋଲିସକୁ ଦାବିପତ୍ର ଦେଉଛି କୃଷକ କଲ୍ୟାଣ ମଞ୍ଚ ।


ବୋରିଗୁମ୍ମାରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

ଜୟପୁର/ବୋରିଗୁମ୍ମା, ୧୫।୧୧ (ଡି.ଏନ୍.ଏ./ନି.ପ୍ର.)

ଭୁବନେଶ୍ୱରରେ ଗତ ୨୯ ତାରିଖ ଚାଷୀଙ୍କ ପ୍ରତି ପ୍ରଶାସନ ଓ ପୋଲିସର ଦମନଲୀଳା ପ୍ରତିବାଦରେ ଗୁରୁବାର ଜୟପୁର ସଦରଥାନା ଆଗରେ କୃଷକ କଲ୍ୟାଣ ମଞ୍ଚ ଧାରଣା ଦେଇଛି। ଏହାସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଥାନା ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଛି। ଦେଶରେ ଭୋଟରଙ୍କ ମଧ୍ୟରେ ଶତକଡା ୭୦ ଭାଗ ଚାଷୀ ଥିବାବେଳେ କୌଣସି ଦଳକୁ ଜିତାଇ ସରକାର ଗଢ଼ିବାରେ ମୁଖ୍ୟ ଭୂମିକା ନେଇଥାନ୍ତି ଚାଷୀ। କିନ୍ତୁ ସରକାର ସେମାନଙ୍କ ସମସ୍ୟା ଦୂର କରିବା ବଦଳରେ ଅତ୍ୟାଚାର କରିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ସେମାନେ ଚାଷୀଙ୍କୁ ତୁରନ୍ତ ସୁରକ୍ଷା ଭତ୍ତା ପ୍ରଦାନ, ଋଣ ଛାଡ, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିବା ଭଳି ଦାବି ରଖିଛନ୍ତି। ଧାରଣାରେ ଚାଷୀ ବାବୁ ଗୌଡ଼, ନିରଞ୍ଜନ ପାତ୍ର, ସୀମାଞ୍ଚଳ ମଲ୍ଲିକ, ଦଶରଥ ଗୌଡ଼, ଗଣେଶ ମଣ୍ଡଳ, ତ୍ରିନାଥ ରାଉତ, ସୁରେନ୍ଦ୍ର ଚୌଧୁରୀ, ନିରାକାର ନାୟକ, ରବିନ୍ଦ୍ର ଚୌଧୁରୀ ଉପସ୍ଥିତ ଥିଲେ।

ସେହିପରି ବୋରିଗୁମ୍ମା ବ୍ଲକ ନବ ନିର୍ମାଣ କୃଷକ ସଙ୍ଗଠନ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଥାନାଧିକାରୀଙ୍କୁ ଦାବିପତ୍ର ଦେଇଛି। ବ୍ଲକର ଶହଶହ ଚାଷୀ ହାଟପଦାରୁ ଏକ ବିଶାଳ ରାଲିରେ ବାହାରି ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ଥାନା ନିକଟରେ ପହଞ୍ଚିଥିଲେ। ଗତ ୫ ତାରିଖ ରାଜଧାନୀରେ ପୋଲିସ ଚାଷୀଙ୍କ ସହ କରିଥିବା ବ୍ୟବହାର ଅତ୍ୟନ୍ତ ଦୁଃଖଦ ଓ ନିନ୍ଦନୀୟ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହାର ପୁନରାବୃତ୍ତି ଭବିଷ୍ୟତରେ ନ ହୁଏ, ତେଣୁ ଦାବିପତ୍ର ଦିଆଯାଇଛି ବୋଲି ନବ ନିର୍ମାଣ କୃଷକ ସଙ୍ଗଠନ କହିଛି। ଦାବିପତ୍ର ପ୍ରଦାନ ସମୟରେ ବୋରିଗୁମ୍ମା ବ୍ଲକ ସଙ୍ଗଠନର ବୈଦ୍ୟନାଥ ଶତପଥୀ, ଗୋପୀନାଥ ହୋତା, ଦୁଲୁ ପ୍ରଧାନ, ଚିତ୍ତରଞ୍ଜନ ଷଡଙ୍ଗୀ, ସୁଶାନ୍ତ ଶତପଥୀ, ଗୁରୁ ହୋତା, ଏମ୍. ସର୍ବେଶ୍ୱର ରାଓ, ଗୋପାଳ ମିଶ୍ର ଉପସ୍ଥିତ ଥିଲେ।

# ଡାକ୍ତର-ଆଇନଜୀବୀ ମୁହାଁମୁହିଁ

■ ଉଭୟ ପକ୍ଷର ଏତଲା, ଥାନାରେ ମାମଲା ରୁଜୁ

ଜୟପୁର,୧୫।୧୧ (ନି.ପ୍ର./ଡି.ଏନ୍.ଏ.)

ରାଜ୍ୟରେ ଓକିଲ ଓ ପୋଲିସ ବିବାଦ ମାମଲାର ଗୁରୁବାର ସମାପ୍ତି ଘଟିଥିବା ବେଳେ ଜୟପୁରରେ ମୁହାଁମୁହିଁ ହୋଇଛନ୍ତି ଡାକ୍ତର ଓ ଆଇନଜୀବୀ । କଥା କଟାକଟିରୁ ପ୍ରସଙ୍ଗ ଥାନାରେ ଯାଏଁ ପହଞ୍ଚିଛି। ଉଭୟ ପକ୍ଷର ଏତଲା ପରେ ମାମଲା ରୁଜୁ କରାଯାଇଛି ଏହାର ତଦନ୍ତ ଆରମ୍ଭ କରିଛି ସଦର ପୋଲିସ । ଜୟପୁର ଜିଲା ଚିକିତ୍ସାଳୟରେ ଜଣେ ଚିକିତ୍ସାଧୀନ ଶିଶୁକନ୍ୟାର ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଯାଇଥିଲା । ଏହାକୁ ନେଇ ଡାକ୍ତର ଓ ଆଇନଜୀବୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ଡାକ୍ତରଙ୍କ ସପକ୍ଷରେ କୌଣସି ଆଇନଜୀବୀ ନ ଲଢ଼ିବା ପାଇଁ ନିଷ୍ପତ୍ତି ହୋଇଛି । ଜୟପୁର ବ୍ରହ୍ମାସାହିର ଆଇନଜୀବୀ ସତ୍ୟବ୍ରତ ପାଢ଼ୀ ୬ ମାସର ଝିଅକୁ ଗୁରୁତର ଅବସ୍ଥାରେ ଚିକିତ୍ସାଳୟ ନେଇଥିଲେ । ଡାକ୍ତର ପ୍ରଫୁଲ୍ଲ ସାମଲ ସ୍ୱାସ୍ଥ୍ୟ ପରୀକ୍ଷା କରି ଚିକିତ୍ସା ଆରମ୍ଭ କରିବା ପୂର୍ବରୁ ଝିଅର ମୃତ୍ୟୁ ହୋଇଥିଲା। ଏହି ଘଟଣା ଶୁଣି ସତ୍ୟବ୍ରତଙ୍କ ପତ୍ନୀ ଅସୁସ୍ଥ ହୋଇପଡ଼ିଥିଲେ। ଏଥିରେ ଡାକ୍ତରଙ୍କ ଅବହେଳାକୁ ଦାୟୀକରିବା ପରେ ସତ୍ୟବ୍ରତ ଓ ଡାକ୍ତରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଏନେଇ ଡାକ୍ତର ଥାନାରେ ଅଭିଯୋଗ କରିଥିବା ବେଳେ ପୋଲିସ କେସ୍ ନଂ ୧୯୪/୧୮ରେ ମାମଲା ରୁଜୁ କରିଛି। ସତ୍ୟବ୍ରତଙ୍କୁ ସମର୍ଥନ ଜଣାଇ ଓକିଲ ସଂଘ ଥାନାରେ ଡାକ୍ତରଙ୍କ ବିରୋଧରେ ଏତଲା ଦେଇଛି। ଏହାକୁ ଆଧାର କରି ପୋଲିସ କେସ୍ ନଂ ୧୯୫/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ କୈଳାସ ସେଠୀ ସୂଚନା ଦେଇଛନ୍ତି।


ଜୟପୁର ସଦର ଥାନାରେ ଏତଲା ଦେଉଛନ୍ତି ଆଇନଜୀବୀ ।

# ପରବ ପାଇଁ ମିନି ମାରାଥନ



ମିନି ମାରାଥନକୁ ଏମ୍‌ପି ଝିନ୍ନ ହିକ୍‌କା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି। ପୁରୁଷ ଓ ମହିଳା ବର୍ଗର ମାରାଥନ ବିଜେତା ।

କୋରାପୁଟ,୧୫।୧୧(ସ୍ୱ.ପ୍ର.)

ପରବ-୨୦୧୮ ଉପଲକ୍ଷେ କୋରାପୁଟରେ ଗୁରୁବାର ମିନି ମାରାଥନ ଅନୁଷ୍ଠିତ ହୋଇଛି। ସ୍ଥାନୀୟ କାର୍ନିଭାଲ ପଡିଆରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଏମ୍‌ପି ଝିନ୍ନ ହିକ୍‌କା ଯୋଗଦେଇ 'ରନ୍ ଫର ଫନ୍' ପାଇଁ କରାଯାଇଥିବା ଏହି ପ୍ରତିଯୋଗିତାକୁ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ପୁରୁଷ ଓ ମହିଳା ବର୍ଗରେ ଶତାଧିକ କ୍ରୀଡ଼ାବିତ୍ ଭାଗ ନେଇଥିଲେ। କାର୍ନିଭାଲ ପଡିଆରୁ ଷ୍ଟାଡିୟମ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ମାରାଥନ୍‌ରେ ସମ୍ମାନିତ ଅତିଥି ଭାବେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପି କନୱର ବିଶାଳ ସିଂ, ଏସ୍‌ଓଜି କମାଣ୍ଡାଣ୍ଟ ଆଶିଷ କୁମାର, ଜିଲା କ୍ରୀଡ଼ା ଅଧିକାରୀ ରାଜକିଶୋର ଜେନା ଯୋଗ ଦେଇଥିଲେ । ମାରାଥନ୍ ବିଜେତାଙ୍କୁ ୫ ହଜାର, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ପ୍ରତିଯୋଗୀଙ୍କୁ ୩ ଓ ୨ ହଜାର ଟଙ୍କା ଲେଖାଏଁ ପୁରସ୍କାର ଦିଆଯାଇଥିଲା। ଅଧ୍ୟାପକ ରବି ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଲି ଚାଲାଣ, ୩ ଟ୍ରକ୍ ଜବତ

ଟିକିଟି,୧୫।୧୧(ଡି.ଏନ.ଏ.)

ଗୋଲନ୍ଥରା ଥାନା ଝାଟିପଦର ପଞ୍ଚାୟତ ହରିପୁର ଗ୍ରାମ ପାଲରୁ ପାହାଡ ନିକଟରେ ବୁଧବାର ରାତି ପ୍ରାୟ ୯ଟାରେ ବେଆଇନ୍ ଭାବେ ଆନ୍ଧ୍ରକୁ ବାଲି ଚାଲାଣ ହେଉଥିଲା। ଆନ୍ଧ୍ରର ନମ୍ବର ବିହୀନ ୩ ଟ୍ରକ୍‌କୁ ଜବତ କରାଯାଇଛି। ଟିକିଟି ଅତିରିକ୍ତ ତହସିଲ୍‌ଦାର ଡ. ଶକ୍ତିପ୍ରସାଦ ଶ୍ରୀଚନ୍ଦନ ଘଟଣା ସ୍ଥଳରେ ପହଞ୍ଚି ବାଲି ବୋଝେଇ କରି ଆନ୍ଧ୍ରକୁ ଚାଲାଣ କରାଯାଉଥିବା ବେଳେ ଗୋଲନ୍ଥରା ପୋଲିସ୍ ସହାୟତାରେ ଜବତ କରିଥିଲେ। ଜବତ ଟ୍ରକ୍ ଗୁଡିକୁ ଥାନାକୁ ଅଣାଯାଇଛି। ଏ ସମ୍ପର୍କରେ ଟିକିଟି ତହସିଲ୍‌ଦାର ଶ୍ରୀଚନ୍ଦନଙ୍କ ସହ ଯୋଗାଯୋଗ ବେଳେ ଜିଲାପାଳଙ୍କ ନିର୍ଦ୍ଦେଶରେ ଉକ୍ତ ଗାଡିଗୁଡିକୁ ଜବତ କରାଯାଇଛି। ଉକ୍ତ ଗାଡିଗୁଡିକ ମାଲିକ ଆନ୍ଧ୍ରର ହୋଇଥିବାରୁ ସେମାନେ ଆସିଲା ପରେ ଜିଲାପାଳଙ୍କ ନିଷ୍ପତ୍ତିକ୍ରମେ ଜରିମାନା ଆଦାୟ କରାଯିବ ବୋଲି କହିଛନ୍ତି।

## ବର୍ଷା ସାହିତ୍ୟ ସଂସଦର ଶିଶୁ କବିତା ଆସର

ଦାମନଯୋଡି, ୧୫।୧୧(ଡି.ଏନ୍.ଏ.)

ବର୍ଷା ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ନାଲ୍‌କୋ କମ୍ୟୁନିଟି ସେଣ୍ଟରଠାରେ ଶିଶୁ ଦିବସ ଉପଲକ୍ଷେ ଶିଶୁ କବିତା ଆସର ଅନୁଷ୍ଠିତ ହୋଇଛି। ସ୍ୱର୍ଗତ ସାହିତ୍ୟିକ ଲଳିତ ମୋହନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସାହିତ୍ୟିକ ହର ପ୍ରସନ୍ନ ଦାଶ ମୁଖ୍ୟ ଅତିଥି ଓ ଶକ୍ତି ଏବଂ ବାଷ୍ପ ବିଭାଗ ମହା ପ୍ରବନ୍ଧକ ରାମଚନ୍ଦ୍ର ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସ୍ଥାନୀୟ ସରସ୍ୱତୀ ବିଦ୍ୟା ମନ୍ଦିର, ଆଲୁମିନା ବାଳିକା ବିଦ୍ୟାଳୟ, ଅରବିନ୍ଦ ବିଦ୍ୟାଳୟର ୬୦ଶିଶୁ ସ୍ୱରଚିତ କବିତା ପାଠ କରିଥିଲେ। ଅଶୋକ କୁମାର ମହାନ୍ତି ଏବଂ ବର୍ଷା ସାହିତ୍ୟ ସଂସଦ ସମ୍ପାଦକ ସୁଶାନ୍ତ ଦାଶ ମଞ୍ଚ ପରିଚାଳନା କରିଥିଲେ। ନାଲ୍‌କୋ ସୁରକ୍ଷା ବିଭାଗ ପ୍ରବନ୍ଧକ ପ୍ରଦୀପ ପାଇଯୋଶୀ ଧନ୍ୟବାଦ ଦେଇଥିଲେ। ବର୍ଷା ସାହିତ୍ୟ ସଂସଦର ବିଜୟ ଜେନା, ଶ୍ରୀଧର ପରିଡା, ଲୋକନାଥ ସାହୁ, କୁଳମଣୀ ଦାସ, ମୁକ୍ତିକାନ୍ତ ଦାସ, ବିଷ୍ଣୁ ଚରଣ ନାୟକ, ଶୈଳେନ୍ଦ୍ର ତ୍ରିପାଠୀ, ଭାରତୀ ସାହୁ, ସ୍ୱାତୀ ଚାଟାର୍ଜୀ, ରମାମଣୀ ସାହୁ, ଚୈତନ୍ୟ ହନ୍ତାଳ, ଅନୀତା ଭୋଇ, କାମିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


କବିତା ଆସରରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ।

## ୨୨ରେ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ

# ପ୍ରଶାସନକୁ ଘେରିବ ଯୁବସେନା


ତେନ୍ତୁଲିଗୁମ୍ମା ଗ୍ରାମବାସୀ ପ୍ଲା କାର୍ଡ ଧରି ପ୍ରଶାସନ ଉଦ୍ଦେଶ୍ୟରେ ବିଭିନ୍ନ ଦାବି ଜଣାଉଛନ୍ତି ।

ବୈପାରୀଗୁଡ଼ା, ୧୫।୧୧(ଡି.ଏନ୍.ଏ)

ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ଜନ୍ମମାଟି ତେନ୍ତୁଳିଗୁମ୍ମା ପଞ୍ଚାୟତ ପ୍ରଶାସନର ଚରମ ଅବହେଳାର ଶିକାର ହେଉଥିବା ଅଭିଯୋଗ ହୋଇଛି । ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ କର୍ଣ୍ଣପାତ କରୁ ନ ଥିବା ସ୍ଥାନୀୟ ଯୁବସେନାଙ୍କ ମଧ୍ୟରେ ଅସନ୍ତୋଷର ଦାନା ବାନ୍ଧୁଛି । ପ୍ରତିବାଦରେ ୨୨ ତାରିଖରେ ହେବାକୁ ଥିବା ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ଉତ୍ସବରେ ପ୍ରଶାସନକୁ ବିରୋଧ କରାଯିବ ବୋଲି ତେନ୍ତୁଳିଗୁମ୍ମାଠାରେ ଗ୍ରାମବାସୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହାସହ ବୈଠକରେ ତେନ୍ତୁଳିଗୁମ୍ମା ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲାପାଳଙ୍କୁ ୧୨ ଦଫା ଦାବିପତ୍ର ଡାକ ଯୋଗେ ପଠାଯାଇଛି। ତେନ୍ତୁଳିଗୁମ୍ମା ପଞ୍ଚାୟତରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ,ଶହୀଦ୍‌ଙ୍କ ଏକ ସଂଗ୍ରାହଳୟ ,ଦଣ୍ଡାବାଡ଼ିଠାରୁ ତେନ୍ତୁଳିଗୁମ୍ମା ପର୍ଯ୍ୟନ୍ତ ରାସ୍ତା ଓ ପୋଲ ନିର୍ମାଣ ,କୋରାପୁଟଠାରୁ ତେନ୍ତୁଳିଗୁମ୍ମା ଯାଏ ବସ୍ ସେବା , ପଞ୍ଚାୟତର ସମସ୍ତ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ,ଜଳସେଚନ ବ୍ୟବସ୍ଥା ,ପଶୁ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା କରିବା ଦାବିପତ୍ରରେ ଉଲ୍ଲେଖ ରହିଛି।

# ରାଜନୈତିକ ମତଭେଦରେ ଛନ୍ଦି ହୋଇଛି ବିକାଶ

ପଟାଙ୍ଗି,୧୫।୧୧(ଡି.ଏନ୍.ଏ.)

ରାଜ୍ୟ ସରକାର ଗ୍ରାମାଞ୍ଚଳ ଉନ୍ନତି ପାଇଁ ଯୋଜନା ପରେ ଯୋଜନା କରିଚାଲିଛନ୍ତି। କିନ୍ତୁ ଅଧିକାରୀ ଏବଂ ଲୋକ ପ୍ରତିନିଧିଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ ଯୋଜନା ଗାଁରେ ପହଞ୍ଚିବାରେ ବାଧକ ସାଜିଛି। ପଟାଙ୍ଗି ବ୍ଲକ ଦେଓପଟାଙ୍ଗି ପଞ୍ଚାୟତ ବାଉଁଶଗୁଡ଼ା ହେଉଛି ଏଭଳି ଏକ ଉଦାହରଣ। ଗାଁକୁ ଆରଡି ଛକରୁ ଯାଇଥିବା ମାଟି ରାସ୍ତା ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମରାମତି ହୋଇଥିଲେ ମଧ୍ୟ ଉକ୍ତ ରାସ୍ତାରେ ଯାତାୟତ ସମସ୍ୟା ସୃଷ୍ଟି କରିଛି। ଉକ୍ତ ରାସ୍ତା ଦେଇ ସଲପଗୁଡ଼ା ଏବଂ ମାଳିପୁଟ ପଞ୍ଚାୟତ ଖିରାଖୋଲା ଗ୍ରାମବାସୀ ଯାତାୟତ ପାଇଁ ନିର୍ଭର କରନ୍ତି। ସେହି ଛକରୁ ଖିରାଖୋଲା ୬ କିଲୋମିଟର ଦୂର। ଉପରୋକ୍ତ ତିନୋଟି ଗ୍ରାମର ୨୧୫ ପରିବାର ଏହି ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ରାଜନୈତିକ ଉଦ୍ଦେଶ୍ୟ ରଖି ଉକ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ କିମ୍ୱା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ପିଚୁରାସ୍ତା କରିବା ପାଇଁ କେହି ଇଚ୍ଛା ପ୍ରକାଶ କରୁ ନଥିବା ବାଉଁଶଗୁଡ଼ାର ମୁଖିଆ ତାମାଲ ସନ୍ତୁ, ଗେମେଲ ରାମଚନ୍ଦ୍ର ଓ ତାମାଲ କତାନା ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ଆମ ଗାଁ ଆମ ବିକାଶ ଯୋଜନାରେ ଗ୍ରାମାଞ୍ଚଳର ଉନ୍ନତି ପାଇଁ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ ମଧ୍ୟ ଆମ ଗାଁକୁ ବାଦ୍ ଦେଇଛନ୍ତି ବୋଲି ସେମାନେ କହିଛନ୍ତି। ଗ୍ରାମରେ କମ୍ୟୁନିଟି ହଲ ଓ ସଦର ମଣ୍ଡପ ଆବଶ୍ୟକ ଥିଲେ ମଧ୍ୟ ତାହା ବି ଯୋଜନାରେ ସ୍ଥାନ ପାଇନାହିଁ। ପୂର୍ବରୁ ସଲପଗୁଡା ଓ ବାଉଁଶଗୁଡ଼ା ମଝିରେ ପୋଲ ପାଇଁ ଭିତ୍ତିପ୍ରସ୍ତର ହୋଇଥିଲେ ମଧ୍ୟ ତାହା ବି ରାଜନୈତିକ ମତଭେଦ ରଖି ଏଯାଏଁ ନିର୍ମାଣ ହୋଇପାରି ନାହିଁ। ବାଉଁଶଗୁଡ଼ାରେ ତିନୋଟି ନଳକୂପ ଥିବାବେଳେ ସେଥିରୁ ଗୋଟିଏ କାର୍ଯ୍ୟ କରୁଛି। ତେଣୁ ଆବଶ୍ୟକ ଅନୁସାରେ ପାଣି ମିଳିପାରୁ ନାହିଁ। ଏନେଇ ବିଡିଓ କରୁଣାକର ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ଉପରୋକ୍ତ ସମସ୍ୟା ଆରଡି ବିଭାଗ ସମାଧାନ କରିବ। ସେମାନଙ୍କ ଦୃଷ୍ଟିକୁ ନିଆଯାଇ ଏହାର ସମାଧାନ ପାଇଁ ଉଦ୍ୟମ କରିବି ବୋଲି ସେ କହିଥିଲେ। ଆରଡି ବିଭାଗ ଏସ୍‌ଡିଓ ଗଣେଶ୍ୱର ହେମ୍ବ୍ରମ ଉକ୍ତ ସମସ୍ୟା ଉପରେ ଲିଖିତ ଅଭିଯୋଗ ଆମ ନିକଟକୁ ପହଞ୍ଚିନାହିଁ। ପହଞ୍ଚିଲେ ଦେଖାଯିବ କହି ସେ ସମସ୍ୟାକୁ ଅଣଦେଖା କରିଛନ୍ତି।


ବାଉଁଶଗୁଡ଼ାକୁ ଯାଇଥିବା ରାସ୍ତା ଶୋଚନୀୟ ହୋଇପଡିଛି ।

**ବାଉଁଶଗୁଡ଼ାର ଦୁଃଖ**

## ଫଟୋରେ ଖବର


ଜୟପୁର ବକ୍ସିସାହି ସ୍ଥିତ ତ୍ରୀନାଥ ସେବା ପରିଷଦରେ ଆଶୁତୋଷ ପାଠୀ ଚାରିଟେବୁଲ ଟ୍ରଷ୍ଟ ତରଫରୁ ସହରର ୧୩୩ ଜଣ ଗରିବ ବୃଦ୍ଧାବୃଦ୍ଧଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଛି।



ଜୟପୁର ତରୁଣ ପ୍ରଜ୍ଞା ଭାରତୀ ପକ୍ଷରୁ ପଞ୍ଚାନନ ମନ୍ଦିର କଲ୍ୟାଣ ମଣ୍ଡପରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଶ୍ରୀନୁ ସେଠୀଙ୍କୁ 'ସ୍ୱାସ୍ଥ୍ୟଶ୍ରୀ' ସମ୍ମାନ, ପ୍ରଶାନ୍ତ ନାୟକ ଦ୍ୱିତୀୟ ଏବଂ ଚନ୍ଦନ ମୁଦୁଲି ତୃତୀୟ ସ୍ଥାନ ପାଇଛନ୍ତି।


ସେମିଳିଗୁଡ଼ା ପୌରସଂସ୍ଥା ୨୨ ନମ୍ବର ୱାର୍ଡ ଗାଦ୍‌ବା ସାହିରେ ଶୌଣ୍ଡିକ ସମାଜ ପକ୍ଷରୁ ଗୋଷ୍ଠୀକେନ୍ଦ୍ର ଶୁଭାରମ୍ଭ ବେଳେ ଉପସ୍ଥିତ ଅତିଥିମାନେ ।

# ୫୨ଲକ୍ଷ ଟଙ୍କାର ପ୍ରକଳ୍ପରେ ୫୨ମିନିଟ ଜଳ ମିଳିନି

**ରାଇଘର, ୧୫।୧୧(ଡି.ଏନ.ଏ)**

ସରକାର ଗ୍ରାମାଞ୍ଚଳ ଲୋକଙ୍କୁ ସ୍ୱଚ୍ଛ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଦେବା ଲକ୍ଷ୍ୟରେ ପ୍ରତି ବ୍ଲକ ଓ ପଞ୍ଚାୟତସ୍ତରରେ ଲକ୍ଷଲକ୍ଷ ଟଙ୍କା ବ୍ୟୟ କରି ପାନୀୟଜଳ ପ୍ରକଳ୍ପ ନିର୍ମାଣ କରୁଥିଲେ ହେଁ ଏହା କେଉଁଠି ଆଧାପନ୍ତରିଆ ତ ଆଉ କେଉଁଠି ଅଚଳ ଅବସ୍ଥାରେ ରହିଛି । ଲୋକଙ୍କ ସୁବିଧା ପାଇଁ ନିର୍ମାଣ ହେଉଥିବା ପ୍ରକଳ୍ପ ଲୋକଙ୍କ କାମରେ ଆସୁନି। ନବରଙ୍ଗପୁର ଜିଲା ରାଇଘର ବ୍ଲକର ଗୁଡୁକୁ ଗ୍ରାମରେ ଏହା ଦେଖିବାକୁ ମିଳିଛି।

ପାନୀୟଜଳ ଯୋଗାଣ ଯୋଗାଇ ଦେବା ଉଦ୍ଦେଶ୍ୟରେ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ୫୨ଲକ୍ଷ ଟଙ୍କା ବ୍ୟୟରେ ଗୁଡୁକୁ ପଞ୍ଚାୟତର କନ୍ଦାଚୁଆଁ ଗ୍ରାମଠାରେ ଏକ ପ୍ରକଳ୍ପ ୨୦୧୨-୧୩ ମସିହାରେ ନିର୍ମାଣ କରାଯାଇଥିଲା। ପ୍ରକଳ୍ପ ହେବା ପରେ ଗ୍ରାମବାସୀ ବିଶୁଦ୍ଧ ପାନୀୟଜଳ ପାଇବେ ବୋଲି ଆଶା ରଖିଥିଲେ। କିନ୍ତୁ ପ୍ରକଳ୍ପ ହୋଇ ପାଞ୍ଚବର୍ଷ ବିତିଗଲା, ୫୨ଲକ୍ଷ ଟଙ୍କାର ପ୍ରକଳ୍ପରେ



ଜଳଯୋଗାଣ ପ୍ରକଳ୍ପ ଆଗରେ ଉପସ୍ଥିତ ଗ୍ରାମବାସୀ।

- ୫ବର୍ଷ ହେଲା ଜଳଯୋଗାଣ ପ୍ରକଳ୍ପ ଅଚଳ
- ପ୍ରକଳ୍ପ କାର୍ଯ୍ୟକ୍ଷମ ପାଇଁ ୫ ଥର ହୋଇଛି ରାସ୍ତାରୋକୋ
- ଫାଟି ଗଲାଣି ପାଇପ।

୫୨ମିନିଟ ମଧ ଗ୍ରାମବାସୀଙ୍କୁ ଜଳଯୋଗାଣ ହୋଇପାରିଲା ନାହିଁ । ପ୍ରକଳ୍ପ ନିର୍ମାଣ ହେବା ପରେ ପ୍ରଥମ ପର୍ଯ୍ୟାୟରେ ୧୨ଟି ଷ୍ଟାଣ୍ଡପୋଷ୍ଟ ନିର୍ମାଣ କରାଯାଇଥିଲା । କିନ୍ତୁ ପାଇପଗୁଡିକ ଫାଟିଯିବା ସହ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବାର ଅଳ୍ପଦିନ ପରେ ବିଦ୍ୟୁତ ସମସ୍ୟା ଦେଖାଗଲା । ଶେଷରେ ଟ୍ରାନ୍ସଫର୍ମର ଲଗାଗଲା । ଏହା ପରେ ମଧ କାର୍ଯ୍ୟକାରୀ ହେଉନି ପ୍ରକଳ୍ପ । ପ୍ରକଳ୍ପରେ ନିମ୍ନମାନର କାର୍ଯ୍ୟ ଯୋଗୁ ଜଳଯୋଗାଣରେ ସମସ୍ୟା ଦେଖାଯାଉଥିବା ଜିଲା ପରିଷଦ ସଭ୍ୟା ଦେଓକୁମାରୀ ଗଣ୍ଡ, ପୂର୍ବତନ ସରପଞ୍ଚ ଶିବ କୁମାର ଗଣ୍ଡ ଅଭିଯୋଗ କରିଛନ୍ତି।ଏହି ପ୍ରକଳ୍ପ ପାଇଁ ଗ୍ରାମବାସୀ ପାଞ୍ଚଥରରୁ ଊର୍ଦ୍ଧ୍ୱ ରାସ୍ତାରୋକୋଠାରୁ ଆରମ୍ଭ କରି ଆନ୍ଦୋଳନ କରିଆସିଛନ୍ତି । ବର୍ତ୍ତମାନ ଗୁଡୁକୁ ପଞ୍ଚାୟତ ସରପଞ୍ଚ ତ୍ରିବେଣୀଗଣ୍ଡ, ପୂର୍ବତନ ସରପଞ୍ଚ ଶିବ କୁମାର ଗଣ୍ଡ, ଜିଲା ପରିଷଦ ସଭ୍ୟା ଦେଓକୁମାରୀ ଗଣ୍ଡ, ନାଏବ ସରପଞ୍ଚ ବାହାନ ଗଣ୍ଡ, ହିରାମନ ଗଣ୍ଡ, ବିହାରି ରାଉତ, ଜୟସିଂ ଗଣ୍ଡ, ଗଣେଶ ଗଣ୍ଡ, ଓ ଜୟରାମ ଗଣ୍ଡ ପ୍ରମୁଖ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି । ନଚେତ ପୁଣିଥରେ ଆନ୍ଦୋଳନ କରାଯିବ ବୋଲି ଲୋକପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ଶିଶୁ ଜ୍ଞାନ ମନ୍ଦିରର ସମ୍ମିଳନୀ

ନବରଙ୍ଗପୁର ,୧୫।୧୧(ବି.ପ୍ର.)- ନବରଙ୍ଗପୁର ମେଦିରି ସାହି ସ୍ଥିତ ଶିଶୁ ଜ୍ଞାନ ମନ୍ଦିରର ସମ୍ମିଳନୀ ସ୍ଥାନୀୟ ବୈଭବ କଲ୍ୟାଣ ମଣ୍ଡପ ଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ବିକାଶ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ମନୋହର ରନ୍ଧାରୀ , ଶିକ୍ଷା ବିକାଶ ସଂସ୍ଥାନର ମହାସଚିବ କରୁଣା କର ପ୍ରଧାନ, ସଂଯୋଜକ ରବି ଶଙ୍କର ସାହୁ , ସନତ କୁମାର ଯୋଗୀ, ନିଗମାନନ୍ଦ ଆଶ୍ରମର ସଭାପତି ତଥା ସାହିତ୍ୟିକ ନାରାୟଣ ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ । ଏହି ଅବସରରେ ମନ୍ତ୍ରୀ ମାଝୀ କହିଥିଲେ ଯେ, ଶିକ୍ଷାର ବିକାଶ ନିମନ୍ତେ ଓଡିଶା ସରକାର ନେଉଥିବା ପଦକ୍ଷେପ ସମ୍ପର୍କରେ କହିଥିଲେ । ସଚିବ କରୁଣାକର ଓଡିଶାରେ କିଭଳି ଖୁବ କମ ଦିନରେ ଶିକ୍ଷା ବିକାଶ ସଂସ୍ଥାନର କାର୍ଯ୍ୟ ଆଗେଇ ଚାଲିଛି ସୂଚନା ପ୍ରଦାନ କରିଥିଲେ । ଉତ୍ତମ ଅଭିଭାବକ ହେମନ୍ତ ଭତ୍ରା, ଦଶମୁ ପାତ୍ର, ଅଶୋକ କୁମାର ସାହୁ, ଦୈତାରୀ ମାଝୀଙ୍କୁ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ସେହିଭଳି କ୍ରୀଡା ପ୍ରତିଯୋଗୀତାରେ ଚନ୍ଦ୍ର ଶେଖର ଭଟ, ସହଦେବ ଭତ୍ରା, ଗୁରୁନାଥ ଗୌଡ, ଦଶରଥ ଟାକ୍ରା, ପୂର୍ଣ୍ଣ ନାୟକ ଓ ମହିଳା ମାନଙ୍କ ମଧରେ ଜାଙ୍କସିନି ସାହୁ, ଗୀତା ଭକ୍ତ, ଶୁକାନ୍ତି ପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା । ଦୁଇ ଜଣ ବାହାନ ଚଳକ ଶ୍ରୀହରି ପାଇକ, ନୀଳକଣ୍ଠ ଖମାରିଙ୍କୁ ମଧ ସମ୍ମାନିତ କରାଯାଇଥିଲା । ସେହିଭଳି ଶାତାଧିକ ଛାତ୍ରୀ ଛାତ୍ର ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।

### ଦୁର୍ଘଟଣାରେ ଜଣେ ଗୁରୁତର

ଜି.ଉଦୟଗିରି,୧୫।୧୧(ଡି.ଏନ.ଏ.)- ଜି.ଉଦୟଗିରି ଥାନା କଳିଙ୍ଗା ଟିକାବାଲି ରାସ୍ତା ମଝିରେ ଥିବା ଜବେଡ଼ି ଠାରେ ଗୁରୁବାର ଅପରାହ୍ନରେ ଏକ ବାଇକ ଗଛକୁ ଧକ୍କା ହେବା ଫଳରେ ବାଇକ ପଛରେ ବସିଥିବା ସାଇଲ (୨୧) ଗୁରୁତର ଆହତ ହୋଇଛନ୍ତି। ବାଇକ ଚାଳକ ଘଟଣାସ୍ଥଳରୁ ଚାଲି ଯାଇଥିବା ଯୋଗୁ ବାଇକ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ।



ଜଳିଯାଇଥିବା ମକା ଫସଲ।

# ଜଳିଗଲା ୪ ଏକର ମକା ଫସଲ

**ଉମରକୋଟ,୧୫।୧୧(ଡି.ଏନ.ଏ)**

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅନ୍ତର୍ଗତ କୁର୍ଷୀ ପଞ୍ଚାୟତର କୁର୍ଷୀ ଗ୍ରାମର ଏକ ଚାଷଜମିରେ ଗୁରୁବାର ନିଆଁ ଲାଗି ପ୍ରାୟ ୪ ଏକର ମକା ଫସଲ ପୋଡି ଯାଇଛି। ଏପରିକି ମକା ଫସଲ ନିକଟରେ ଥିବା ଧାନ ଫସଲ ମଧ ପୋଡି ଯାଇଛି। ଖବର ପାଇଁ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କୁର୍ଷୀ ଗ୍ରାମର ରବିନ ମାଳିଙ୍କ ମକା କ୍ଷେତରେ ନିଆଁ ଲାଗି ଯାଇଥିଲା। କମ ସମୟ ମଧରେ ଏହା ଚାରି ଆଡେ ବ୍ୟାପି ଯାଇଥିଲା। ଏପରିକି ନିକଟରେ ଥିବା ଧାନ କ୍ଷେତରେ ମଧ ନିଆଁ ଲାଗି ଯାଇଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଉମରକୋଟ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ରବିନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ମାରପିଟ ଘଟଣାରେ ମାମଲା ରୁଜୁ

**ପାରଳାଖେମୁଣ୍ଡି, ୧୫।୧୧(ସ୍ୱ.ପ୍ର.)-**

ଗଜପତି ଜିଲା ପାରଳାଖେମୁଣ୍ଡି ସହର ଉପକଣ୍ଠ ରାମସାଗର ନିକଟରେ ବୁଧବାର ଏକ ଜାଗାକୁ କେନ୍ଦ୍ରକରି ଦୁଇ ପରିବାର ମଧରେ ସଂଘର୍ଷ ଘଟି ୫ଜଣ ଆହତ ହୋଇଥିଲେ। ଏହି ଘଟଣାରେ ଗୁରୁବାର ଉଭୟ ପରିବାର ପକ୍ଷରୁ ପାରଳାଖେମୁଣ୍ଡି ଥାନାରେ ଏତଲା ଦିଆଯାଇଥିଲେ ସୁଦ୍ଧା କାହାରିଙ୍କୁ ଗିରଫ କରାଯାଇନାହିଁ । ପୋଲିସ କେବଳ ୨ଟି ପୃଥକ ମାମଲା ରୁଜୁ କରିଛି। ଘଟଣାରେ ୨ପରିବାର ବ୍ୟତୀତ କେହି ବାହାର ଲୋକେ ସାମିଲ ଅଛନ୍ତି କି



ନାହିଁ ସେନେଇ ପୋଲିସ ପକ୍ଷରୁ ଅନୁସନ୍ଧାନ ଜାରି ରହିଛି।

# ପାଟିକାଙ୍କ ବାରଣ୍ଡାରେ ଅଙ୍ଗନୱାଡି କେନ୍ଦ୍ର



ଶିଶୁମାନଙ୍କୁ ଅଙ୍ଗନୱାଡି କର୍ମୀ ପଢାଉଛନ୍ତି।

**ପାପଡାହାଣ୍ଡି,୧୫।୧୧(ଡି.ଏନ.ଏ)**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପଣ୍ଡିକୋଟ ପଞ୍ଚାୟତ ବାଙ୍କସରଗି ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ଦୀର୍ଘ ଦିନ ହେଲା ପାଟିକାଙ୍କ ବାରଣ୍ଡାରେ ଚାଲୁଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ କୋଠାଟି ବହୁ ପୁରୁଣା ହୋଇଥିବାରୁ ବର୍ଷା ହେଲେ ପାଣି ଗଳୁଛି । ଏପରିକି ଛାତ ଫାଟି ସିମେଣ୍ଟ ଓ ଗୋଡି ଖଣ୍ଡ ଖସୁଛି। ଗୃହଟି ବିପଦ ସଙ୍କୁଳ ହୋଇପଡିଛି। ପିଲାମାନଙ୍କ ଜୀବନ ପ୍ରତି ବିପଦ ଥିବାରୁ ଅଙ୍ଗନୱାଡି କର୍ମୀ ସତ୍ୟବତୀ ପଟ୍ଟନାୟକ ପାଟିକାଙ୍କ ଘର ବାରଣ୍ଡାରେ କେନ୍ଦ୍ରଟିକୁ ଚଳାଇଛନ୍ତି। କେନ୍ଦ୍ରରେ ବର୍ତ୍ତମାନ ୪୬ ପିଲା ଅଛନ୍ତି। ବାରଣ୍ଡାରେ ପିଲାଙ୍କୁ ପ୍ରକୃତ ଶିକ୍ଷା ଦେବା ଅସୁବିଧା ହେଉଥିବା କର୍ମୀ କହିଛନ୍ତି। ଖରା, ବର୍ଷା ଶୀତରେ ପିଲାଙ୍କ ବସିବା ଲାଗି ଅସୁବିଧା ହେଉଥିବା ଗ୍ରାମବାସୀ କହିଛନ୍ତି। ନୂତନ କୋଠ ନିର୍ମାଣ ଲାଗି ଗ୍ରାମବାସୀ ଦାବି କରିବା ସହ ସେମାନେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ବିଡିଓଙ୍କୁ ଅବଗତ କରିଥିବା କହିଛନ୍ତି। କିନ୍ତୁ କୋଠା ନିର୍ମାଣ ଦାୟିତ୍ୱ ପଞ୍ଚାୟତ ବିଭାଗର ହୋଇଥିବାରୁ ସେ ପିଇଓଙ୍କୁ ଜଣାଇଥିବା କହିଛନ୍ତି। ତେବେ ପଞ୍ଚାୟତ ବିଭାଗ ଦ୍ୱାରା କେବେ ଏହା ଅନୁମୋଦନ ହେବ ତାହା ଦେଖିବାକୁ ବାକି ରହିଛି।

# ଆଇନ ସଚେତନତା ଶିବିର

**ନବରଙ୍ଗପୁର, ୧୫।୧୧(ଡି.ଏନ.ଏ)**

ଜିଲା ଆଇନସେବା ପ୍ରାଧିକରଣ ନବରଙ୍ଗପୁର ତରଫରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଶିଶୁଦିବସକୁ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ମୁଖ୍ୟବିଚାର ବିଭାଗୀୟ ଦଣ୍ଡାଧିକାରୀ ଆର. କେ. ମହାପାତ୍ର ଯୋଗ ଦେଇଥିଲେ । ଅନ୍ୟ ଅତିଥି ଭାବେ ବରିଷ୍ଠ ଦେୱାନୀ ଜଜ୍ ଚୌଧୁରୀ ପ୍ରବୀର କୁମାର, ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ପ୍ରସନ୍ନ କୁମାର ବେହେରା, ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅମରେଶ ମହାପାତ୍ର, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୌମ୍ୟରଞ୍ଜନ ନାୟକ, ମନୋରମା ମାଝି, ସ୍ୱେଚ୍ଛାସେବୀ ବଳରାମ ଚାଉଳସିଂହ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ। ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ପ୍ରସନ୍ନ କୁମାର ବେହେରା ଜିଲା ଆଇନସେବା ପ୍ରାଧିକରଣ କଣ ଓ ତାର କର୍ତ୍ତବ୍ୟ ବିଷୟରେ ପିଲାମାନଙ୍କୁ ସଚେତନତା କରିଥିଲେ । ପିଏନଡିଟି ଆକ୍ଟ, ବାଲ୍ୟ ବିବାହ ଅଧିନିୟମ ଆଇନ, ଶିଶୁମାନଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ଆଇନ ସମ୍ପର୍କରେ ମନୋରମା ସଚେତନତା କରିଥିଲେ। ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅମରେଶ ମହାପାତ୍ର ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଆଇନ ସମ୍ପର୍କରେ ସଚେତନତା କରିଥିଲେ । ପିଲାମାନଙ୍କୁ ମୋମୋ ତଥା ବ୍ଲୁ ହ୍ୱଇଲ ଭଳି ବିପଦଜ୍ଜନକ ଖେଳଠାରୁ ଦୂରରେ ରହିବାକୁ ପରାମର୍ଶ ଦେଇଥିଲେ। ବଳରାମ ଚାଉଳସିଂହଧନ୍ୟବାଦ ଅର୍ପଣ କରିଥିଲେ ।




# ୨୮ରେ ବ୍ଲକସ୍ତରୀୟ ବିଜ୍ଞାନମେଳା

**ଗୋବିନ୍ଦପାଲି, ୧୫।୧୧**

ମାଲକାନଗିରି ଜିଲା ଖଇରପୁଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶଶୀଭୂଷଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସିଆରସିସିମାନେ ଯୋଗ ଦେଇଥିଲେ। ଆସନ୍ତା ୨୮ରେ ବ୍ଲକସ୍ତରୀୟ ବିଜ୍ଞାନମେଳା କରିବାକୁ ନିଷ୍ପତ୍ତି ହୋଇଥିଲା। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିବାନୀ ମୁଦୁଲି, ପ୍ରଧାନଶିକ୍ଷକ ବଂଶୀଧର କର,ମାନସ ରଞ୍ଜନ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଖଇରପୁଟ ସିଆରସିସି ସୌଭାଗ୍ୟ କାନୁନଗୋ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ଅଗ୍ନିକାଣ୍ଡରେ ୬ ବଖରା ପୋଡ଼ି ଧ୍ୱଂସ

**ବେଗୁନିଆପଡ଼ା, ୧୫।୧୧ (ଡି.ଏନ.ଏ.)-**

ବେଗୁନିଆପଡ଼ା ବ୍ଲକ ମର୍ଦ୍ଦକୋଟ ଗ୍ରାମରେ ଗୁରୁବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ୪ଜଣଙ୍କ ୬ ବଖରା ପୋଡି ଯାଇଛି। କ୍ଷତିଗ୍ରସ୍ତମାନେ ହେଲେ ଯୋଗିରାମ ସାହୁ, ରବୀନ୍ଦ୍ର ସାହୁ, ବାନାମ୍ବର ବରାଡ଼ ଓ କୁନ୍ତି ବରାଡ଼। ଗୁରୁବାର ମଧ୍ୟାହ୍ନ ପ୍ରାୟ ଗୋଟାଏରେ ହଠାତ୍ ନିଆଁ ଲାଗି ଯାଇଥିଲା। ଗ୍ରାମବାସୀ ନିଆଁ ଲିଭାଇବା ସହ କୋଦଳା ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। କୋଦଳା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘଟଣାସ୍ଥଳରେ କେ.ବରିଡ଼ା ରାଜସ୍ୱ ନିରୀକ୍ଷକ ମିନକେତନ ଶବର ପହଞ୍ଚି ତଦନ୍ତ କରି କୋଦଳା ତହସିଲଦାର ପ୍ରଭାତ କୁମାର ପରିଡ଼ାଙ୍କୁ ରିପୋର୍ଟ ପ୍ରଦାନ କରିଥିବା କହିଛନ୍ତି।












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ



### ଗ୍ରାମ ସଫେଇ ଅଭିଯାନ

**ରାୟଗଡା ଅଫିସ୍, ୧୫।୧୧:** ରାୟଗଡା ଜିଲା କୋଲନରା ବ୍ଲକ୍ ଗାଡିଶେଷଖାଲ ପଞ୍ଚାୟତର ମାଉଡିଗୁଡା ଗାଁକୁ ଗ୍ରାମର ଯୁବଗୋଷ୍ଠୀ, ବାଳିକା ମଣ୍ଡଳ, ସ୍ୱୟଂ ସହାୟିକା ଗୋଷ୍ଠୀ ଓ ମା' ନୁକାଲଆମା କୃଷକ ସଂଘର ସଭ୍ୟ ସଫେଇ କରିଛନ୍ତି। ଏହି ଅବସରରେ ଆୟୋଜିତ ବୈଠକରେ ଘରେ ଘରେ ପାଇଖାନା ବ୍ୟବହାର କରିବା, ଡ୍ରେନ୍ ସଫା ରଖିବା, ରାସ୍ତାର ଦୁଇପାର୍ଶ୍ୱ ସଫା ରଖିବା ସହିତ ମଇଳା ନ ପକେଇବା, ମଇଳା କୁଣ୍ଡ ବ୍ୟବହାର କରିବାକୁ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଗ୍ରାମର ରାସ୍ତା, ନଳକୂପ, ଡ୍ରେନ୍ ସଫେଇ କରାଯାଇଥିଲା । ପ୍ରତ୍ୟେକ ରବିବାର ଗ୍ରାମବାସୀ ମିଶି ଏହି ସଫେଇ କାର୍ଯ୍ୟକ୍ରମ କରିବା ସହିତ ଲୋକଙ୍କୁ ସଚେତନ କରିବାକୁ ସ୍ଥିର କରାଯାଇଥିଲା । କୃଷକ ସଂଘ ପ୍ରମୁଖ ପ୍ରତିନିଧି ନାଇଡୁ ମିଣିଆକା, ତ୍ରିପତୀ ହିମିରିକା, ଗୋପୀନାଥ ମିଣିଆକା, ପୂର୍ଣ୍ଣ ମିଣିଆକା, ବାଳିକା ମଣ୍ଡଳର କୁମାରୀ ସାବିତ୍ରୀ ହିମିରିକା, ଇଜୁ ହୁଇକା, କବିତା ମିଣିଆକା, ମିନି ମିଣିଆକା ଓ ଅଙ୍ଗନୱାଡ଼ି କର୍ମୀ ଆମାଲୁ ମିଣିଆକା ସାମିଲ ହୋଇଥିଲେ ।

### ବିହାରୀ ସମ୍ପ୍ରଦାୟ ପକ୍ଷରୁ ଛଟ୍‌ପୂଜା ପାଳିତ



**ଟିକିରି,୧୫।୧୧(ଡି.ଏନ୍.ଏ.):** ରାୟଗଡ଼ା ଜିଲା କାଶିପୁର ବ୍ଲକ ଡଙ୍ଗାସିଲି ପଞ୍ଚାୟତ ସଦରଠାରେ ଥିବା ବିହାରୀ ସମ୍ପ୍ରଦାୟ ମହିଳାଙ୍କ ଦ୍ୱାରା ପବିତ୍ର ଛଟ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ମହିଳାମାନେ ଏକାଠି ହୋଇ ନୂତନ ବସ୍ତ୍ର ପରିଧାନ କରି ଆଖୁ, କଦଳୀ ଓ ତୁଳସୀ ଗଛ ପାଖରେ ପୂଜା କରିଥାନ୍ତି। ମହିଳା ଓ ଯୁବତୀମାନେ ସୂର୍ଯ୍ୟଦେବତାଙ୍କ ପାଖେ ବ୍ରତ ରଖି ଉପବାସ ରହିଥାନ୍ତି ଓ ସୂର୍ଯ୍ୟ ଉଦୟ ପରେ ଉପବାସ ଭାଙ୍ଗିଥାନ୍ତି। ଏହା ଦ୍ୱାରା ଶାନ୍ତି, ଆରୋଗ୍ୟ ବଜାୟ ରହେ ବୋଲି ବିଶ୍ୱାସ ରହିଛି। ଡଙ୍ଗାସିଲି ନିକଟସ୍ଥ ନଦୀ ନିକଟରେ ସମସ୍ତେ ଏକାଠି ହୋଇ ଏହି ପୂଜା ପାଳିଥାନ୍ତି।

### କିରୋସିନ ଢାଳି ମହିଳାଙ୍କ ଆତ୍ମହତ୍ୟା

**ଗୁଣପୁର,୧୫।୧୧(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ସହର ୧୭ ନଂ ୱାର୍ଡ ଅନ୍ତର୍ଗତ ବଡହାରସିଂଗୁଡା ସାହିରେ ଗତ ରବିବାର କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିବା ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଶାନ୍ତି ଶବର(୨୨)। ପାରିବାରିକ କଳହକୁ କେନ୍ଦ୍ରକରି ସେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ । ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପରେ କଟକ ବଡମେଡିକାଲ ନିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି ।

# ଭାରତୀୟ ଏକତା ବଜାୟ ରଖିବାକୁ ପରାମର୍ଶ

**ରାୟଗଡା ଅଫିସ,୧୫।୧୧**



କାର୍ଯ୍ୟକ୍ରମରେ ରାଜ୍ୟପାଳ, ଜିଲାପାଳଙ୍କ ସହ ଅନ୍ୟମାନେ।

**ରାୟଗଡ଼ାରେ ରାଜ୍ୟପାଳ**
- ୧୦ ହେକ୍ଟର ଜମିରେ ରୋପଣ କରାଯାଇଥିବା କାଜୁ ଗଛ ବୁଲି ଦେଖିଥିଲେ
- ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଶ୍ନୋତ୍ତର କରି ଦେଲେ ଆର୍ଥିକ ପୁରସ୍କାର
- ଉନ୍ନୟନମୂଳକ କାର୍ଯ୍ୟ ନେଇ କଲେ ଆଲୋଚନା

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗୁରୁବାର ଦିନିକିଆ ରାୟଗଡା ଗସ୍ତରେ ଆସିଛନ୍ତି । ଦୀର୍ଘ ୧୦ବର୍ଷ ପରେ ରାଜ୍ୟପାଳଙ୍କ ରାୟଗଡା ଗସ୍ତକୁ ନେଇ ଜିଲା ପ୍ରଶାସନ ମଧ୍ୟରେ ତତ୍ପରତା ପ୍ରକାଶ ପାଇଥିଲା । ପ୍ରଥମେ ସେ ରାୟଗଡା ଜିଲା କୁଚୁଳି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇ ୧୦ଜଣ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନ କରିଥିଲେ । ଏଥିସହ ବଡ ମାଣଧର ଗ୍ରାମର ମଦନାବାଟି ଡୁରୁକ ଓ କାଳିନ୍ଦ୍ରୀ ଡୁରୁକ ୨ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସିନାଇ ମିଣିୟାକା, ଗରା ପ୍ରିପାକା, ଗୁରୁନାଥ ମିଣିୟାକା ଓ ରଞ୍ଜୁ ମିଣିୟାକାଙ୍କୁ ୧୦ ହଜାର ଟଙ୍କା ଲେଖାଏ ଚେକ ପ୍ରଦାନ କରିଥିଲେ । ପରେ ରାଜ୍ୟପାଳ କୁମ୍ଭିକୋଟା ପଞ୍ଚାୟତ ହେମାରିପାଡି ଗ୍ରାମର ୧୦ ହେକ୍ଟର ଜମିରେ ଚାରାରୋପଣ କରାଯାଇଥିବା କାଜୁ ଗଛଗୁଡିକୁ ବୁଲି ଦେଖିଥିଲେ । ସେହିପରି ରାୟଗଡାସ୍ଥିତ ଶିରିକୋଣାଠାରେ ଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନତା ମଧ୍ୟରେ ଏକତାର ଶିକ୍ଷା ଦେଇଥିଲେ। ଏଣୁ ଦେଶର ଭବିଷ୍ୟତ କୁହାଯାଉଥିବା ସମସ୍ତ ଛାତ୍ରୀଛାତ୍ର ଏହି ଭାରତୀୟର ଏକତାକୁ ବଜାୟ ରଖିବା ପାଇଁ ଧ୍ୱଜ ବାହକ ହେବା ଲାଗି ପରାମର୍ଶ ଦେଇଥିଲେ । ଆଇସିଡିଏସ ରାୟଗଡା ଦ୍ୱାରା କରାଯାଇଥିବା ମିଶନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ଖାଦ୍ୟ ସାମଗ୍ରୀ,ଓଡିଶା ଜୀବିକା ମିଶନ,ଗ୍ରାମ୍ୟ ପାନୀୟଜଳ ଯୋଗାଣ ସଂସ୍ଥା,ସ୍ୱାସ୍ଥ୍ୟ ବିଭାଗର ସଚେତନତା ନିମିତ୍ତ ଏବଂ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା,ରାୟଗଡା ଓ ଗୁଣପୁରଙ୍କ ଦ୍ୱାରା ଆଦିମ ଜନଜାତି ସଂପ୍ରଦାୟ(ଡଙ୍ଗିରଆ କନ୍ଧ ଓ ଲାଂଜିଆ ସୌରା)ଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତକଳା ଓ ହସ୍ତଶିଳ୍ପର ଷ୍ଟଲଗୁଡିକ ବୁଲି ଦେଖିବା ସହ ସେମାନଙ୍କ ସହ ଆଲୋଚନା କରିଥିଲେ। କନ୍ଧମାଳିଗାଁଠାରେ ଥିବା ସରକାରୀ ବାଳିକା ଆବାସିକ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କ ସହ ପ୍ରଶ୍ନୋତ୍ତର କରିବା ସହ ଏକ ଭାରତ-ଶ୍ରେଷ୍ଠ ଭାରତ ବିଷୟରେ ଆଲୋଚନା କରିଥିଲେ। ଉକ୍ତ ଦୁଇଟି ଆବାସିକ ବିଦ୍ୟାଳୟରେ ସେ ଛାତ୍ରୀଛାତ୍ରମାନଙ୍କ ସହ ପ୍ରଶ୍ନୋତ୍ତର କରି ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ମଧ୍ୟାହ୍ନରେ ସ୍ଥାନୀୟ ସର୍କିଟ ହାଉସ ଠାରେ ମଧ୍ୟାହ୍ନ ଭୋଜନ ସାରି ଡିଆରଡିଏ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଅଧିକାରୀମାନଙ୍କ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ । ପରେ ଭୁବନେଶ୍ୱର ଫେରିଯାଇଥିଲେ। ରାଜ୍ୟପାଳଙ୍କ ଏହି ଗସ୍ତ ସମୟରେ କୋରାପୁଟ ଏମପି ଝିନ୍ନ ହିକକା, ରାଜ୍ୟପାଳଙ୍କ ପ୍ରମୁଖ ସଚିବ ମଧୁସୂଦନ ପାଢୀ, ଜିଲାପାଳ ଗୁହା ପୁନମ ତାପସ କୁମାର, ଏସପି ରାହୁଲ ପି.ଆର.,ଅତିରିକ୍ତ ଜିଲାପାଳ ସୁଧାକର ଶବର, ପିଡି-ଡିଆରଡିଏ ଅମ୍ରିତ ରତୁରାଜ, ରାୟଗଡା ଉପଜିଲାପାଳ ପ୍ରବୀର କୁମାର ନାୟକ, ପିଏ-ଆଇଟିଡିଏ,ରାୟଗଡା ଟୁକୁ ବାରିକ,ଗୁଣପୁର ପିଏ-ଆଇଟିଡିଏ ଗୋରାଚାନ୍ଦ ଗମାଙ୍ଗଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ ଏହି ଗସ୍ତକୁ ଦୃଷ୍ଟିରେ ରଖି ରାୟଗଡା ଜିଲା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା ।

■ ବାଇକ୍‌କୁ ଧକ୍କା ଦେଲା ଟ୍ରାକ୍ଟର

# ଜଣେ ମୃତ, ୨ ଗୁରୁତର

**କାଶୀପୁର,୧୫।୧୧(ଡ଼ି.ଏନ.ଏ)**

ରାୟଗଡା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରଗିରି ପଞ୍ଚାୟତ ଚାନ୍ଦଗିରି ନିକଟରେ ବାଇକକୁ ଟ୍ରାକ୍ଟର ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି । ମୃତକ ହେଲେ ଲକ୍ଷ୍ମଣ ମାଝି । ଆହତ ହୋଇଥିବା ରୁଜୁମସ୍କା ଗ୍ରାମର ପିସକୁ ମାଝି ଓ ମାନିଆ ମାଝି ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଉକ୍ତ ୩ ଜଣ ଏକ ବାଇକ୍‌ରେ ଯାଉଥିବା ବେଳେ ଚାନ୍ଦଗିରି ନିକଟରେ ଟ୍ରାକ୍ଟର ସେମାନଙ୍କୁ ଧକ୍କା ଦେଇଥିଲା । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ରାୟଗଡା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଲକ୍ଷ୍ମଣଙ୍କ ମୃତ୍ୟୁ ହୋଇଥିଲା । ଖବରପାଇ କାଶୀପୁର ପୋଲିସ ତଦନ୍ତ ଚଳାଇଛି।

# ବ୍ଲକସ୍ତରୀୟ ବିଜ୍ଞାନ ମେଳା



ପ୍ରକଳ୍ପକୁ ବିଚାରକମାନେ ବୁଲି ଦେଖୁଛନ୍ତି ।

**କାଶୀପୁର,୧୫।୧୧(ଡ଼ି.ଏନ.ଏ)**

ରାୟଗଡା ଜିଲା କାଶୀପୁର ବ୍ଲକ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଶୀପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗଦୀଶ ସିଂ ମୁଖ୍ୟଅତିଥି, କାଶୀପୁର ରେଞ୍ଜର ଅନୁପ ସିଂ ପୂଜାରୀ, ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୁଳମଣି ବଳିଆର ସିଂ, ଅଧ୍ୟାପକ ପ୍ରସନ୍ନ ନାୟକ, ଟିକିରି ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଲୋଚନ ଖରା, ଏଓ ସଙ୍ଗୀତା ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କାଶୀପୁର ବ୍ଲକରେ ଥିବା ୧୬ ବିଦ୍ୟାଳୟରୁ ୮୫ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ମାନେ ୫ ପ୍ରକଳ୍ପକୁ ମନୋନୀତ କରିଥିଲେ। ଏହି ପ୍ରକଳ୍ପ ଗୁଡିକୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ



କାର୍ଯ୍ୟକ୍ରମରେ ଛାତ୍ର ଓ ଶିକ୍ଷକମାନେ ।

**ଚନ୍ଦ୍ରପୁର,୧୫।୧୧(ଡ଼ି.ଏନ.ଏ)**

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡା ସଦର ମହକୁମାରେ ଥିବା ଗ୍ରାମମଙ୍ଗଳ ବିଭାଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ଶିଶୁଦିବସ ପାଳିତ ହୋଇଯାଇଛି । ଏଥିରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା । ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜୀବନୀ ସମ୍ପର୍କରେ ବିଭିନ୍ନ ଆଲୋଚନା କରାଯାଇ ଶିଶୁମାନଙ୍କ ଚରିତ୍ର, ବିକାଶ, ଭବିଷ୍ୟତରେ ଉତ୍ତମ ଛାତ୍ରୀଛାତ୍ର ହୋଇ କିପରି ପାଠ ପଢିବେ ଏ ନେଇ ଅତିଥିବୃନ୍ଦ କହିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଡାଙ୍ଗସୋରଡା ଥାନା ଅଧିକାରୀ ଧନୁର୍ଜୟ ଦଳେଇ, ମୁଖ୍ୟବକ୍ତା ସିଆରପିଏଫର ସବଇନ୍ସପେକ୍ଟର ପ୍ରମୋଦ କୁମାର ମଲ୍ଲିକ, ପୀତବାସ ପଟେଇ, କାର୍ଯ୍ୟକ୍ରମ ସଭାପତି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟଲାଲ ନାୟକ, ଶିକ୍ଷକ କାମେଶ୍ୱର କରକରିଆ, ପ୍ରାଣକୃଷ୍ଣ ପ୍ରଧାନ, ସୁଶାନ୍ତ କୁମାର ଜେନା, ଲୋକନାଥ ସାହୁ, ସଚ୍ଚିଦାନନ୍ଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ କାମେଶ୍ୱର କରକରିଆ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଚନ୍ଦ୍ରପୁର ସଦର ମହକୁମାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ମଧ୍ୟ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଚନ୍ଦ୍ରପୁର ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ, ସମ୍ମାନିତ ଅତିଥି ମଙ୍ଗଳ ସଂପ୍ରସାରଣ ଅଧିକାରୀ ତଲୱାର ଜେନା, ପ୍ରଧାନଶିକ୍ଷକ ଚକ୍ରପାଣି ରତ୍ୱାଲୁ, ଜଗଦିଶ ନାୟକ, ପ୍ରତାପ ଚୌଧୁରୀ, ସୁଶୀଲ କୁମାର ସେନାପତି, ସିଆରସିସି ଧନୁର୍ଜୟ ଦୋରା ପ୍ରମୁଖ ଯୋଗ ଦେଇଥିଲେ ।

## ପାଞ୍ଚାଲିରେ ଦିଆଲ ପରବ

**ଟିକିରି,୧୫।୧୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶିପୁର ବ୍ଲକ ଶଙ୍କରଡା ପଞ୍ଚାୟତ ପାଞ୍ଚାଳିରେ ଦିଆଲ ପରବ ପାଳନ କରାଯାଇଛି । ପାଞ୍ଚାଳି ଗ୍ରାମର ଯୁବ ସମାଜ ଓ ବୁଦ୍ଧଦେବ ଗରଡାଙ୍କ ନେତୃତ୍ୱରେ ଗାଁର ମଝିଦାଣ୍ଡରେ ପାଞ୍ଚଳି ଗ୍ରାମରେ ଦିଆଲ ପରବ ଭେଟଘାଟ ମହାଆଡମ୍ବରରେ ପାଳନ ହୋଇଯାଇଛି। ପାଞ୍ଚାଳିରେ ପ୍ରଥମଥର ଏହି ପରବ ହୋଇଥିଲା। ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏହାର ମୂଳ ଉଦ୍ଦେଶ୍ୟ ବୋଲି କୁହାଯାଇଛି। ଏହି ଅବସରରେ ଗ୍ରାମରୁ କୁସଂସ୍କାର ଦୂର କରିବାରେ ଯେଉଁମାନଙ୍କର ଅବଦାନ ରହିଛି ସେମାନଙ୍କୁ ଏଥିରେ ସମ୍ମାନିତ କରାଯାଇଥିଲା। ଏହାଛଡା ପାଞ୍ଚାଳି ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାତା ଓ କାର୍ଯ୍ୟରତ ଶିକ୍ଷକ, ଗ୍ରାମରୁ ହାଇସ୍କୁଲକୁ ଯାଇଥିବା ପ୍ରଥମ ବାଳିକା, ଉତ୍ତମ ଚାଷୀ, ଗ୍ରାମରୁ ମାଟ୍ରିକକ ପାସ୍ କରିଥିବା ପ୍ରଥମ ବାଳିକା ଓ ଭାରତୀୟ ସେନାରେ କାର୍ଯ୍ୟରତ ବ୍ୟକ୍ତିଙ୍କ ସହ ଗ୍ରାମର ଉତ୍ତମ ବୋହୁଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ସାମାଜିକ କର୍ମୀ ବୁଦ୍ଧଦେବ ଗରଡାଙ୍କୁ ମଧ ସମ୍ମାନିତ କରାଯାଇଥିଲା।

# ଏଲ୍‌ପିଏସ୍‌ର ବାର୍ଷିକ ଉତ୍ସବ




ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

**ରାୟଗଡା ଅଫିସ୍, ୧୫।୧୧**

ରାୟଗଡା ଜିଲା ଜେକେପୁର ଜେକେ କାଗଜକଳର ଲକ୍ଷ୍ମୀପତ ସିଂଘାଣିଆ ପବ୍ଲିକ ସ୍କୁଲ(ଏଲପିଏସ)ର ୪୨ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୀର ସୁରେନ୍ଦ୍ରସାଏ ବିଶ୍ୱ ବିଦ୍ୟାଳୟର ତାଲିମ ଓ ନିୟୋଜନ ବିଭାଗ ଅଧକ୍ଷ ଡା. ପ୍ରଶାନ୍ତ ନନ୍ଦ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଶିଶୁଙ୍କୁ ନିଜ ମାତୃଭାଷା ଓ ମାତୃଭୂମି ବିଷୟରେ ଶିକ୍ଷା ଗ୍ରହଣ କରିବାକୁ କହିଥିଲେ । ଅନ୍ୟତମ ଅତିଥି ଭାବେ ମହିଳା ମଣ୍ଡଳ ସଭାପତି ବେଲା ସୁରୀ ଯୋଗ ଦେଇଥିଲେ । ବିଦ୍ୟାଳୟର ଅଧକ୍ଷ ପ୍ରଦୀପ୍ତ କିଶୋର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିବା ସହ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରୀ ପ୍ରତୀକ୍ଷା ପାଣିଗ୍ରାହୀଙ୍କୁ ୨୦୧୭-୧୮ ଶିକ୍ଷାବର୍ଷର ଅଲ୍‌ରାଉଣ୍ଡର ଭାବେ ଗୋଲ୍ଡ ମେଡାଲ ପ୍ରଦାନ କରାଯାଇଥିଲା। ଅଜୟା ନନ୍ଦ ବେବର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ନିଳିମା ଜେନା ଧନ୍ୟବାଦ ଦେଇଥିଲେ। ଏହାପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

■ ମୁନିଗୁଡାରେ ଫେଲ୍ ମାରିଛି ସ୍ୱଚ୍ଛ ଭାରତ ମିଶନ

# ସବୁଠି କୁଢ଼କୁଢ଼ ଅଳିଆ

**ମୁନିଗୁଡା, ୧୫।୧୧ (ଡି.ଏନ୍.ଏ.)**



ଅଳିଆ ଆବର୍ଜନା ଜମା ହୋଇ ରହିଛି ।

- ନଷ୍ଟ ହେଉଛି ସହରର ସୌନ୍ଦର୍ଯ୍ୟ, ରୋଗରେ ଆକ୍ରାନ୍ତ ହେଉଛନ୍ତି ଲୋକେ
- ଅଳିଆ ହଟେଇବାକୁ ଦାବି
- ଦାବି ପୂରଣ ନ ହେଲେ ପଞ୍ଚାୟତ, ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇବାକୁ ଚେତାବନୀ

ରାୟଗଡ଼ା ଜିଲା ମୁନିଗୁଡା ସଦର ମହକୁମାରେ ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ସମ୍ପୂର୍ଣ୍ଣ ଭାବେ ଫେଲ୍ ମାରିଥିବା ଦେଖାଯାଉଛି। ମୁନିଗୁଡା ତିନିକୋଣିଆ ଛକ, ରାସ୍ତା କଡ଼ରେ ଓ ରାସ୍ତା ମଧ୍ୟ ଭାଗରେ ପଡି ରହୁଛି କୁଢ଼ କୁଢ଼ ଅଳିଆ ଆବର୍ଜନା। ଫଳରେ ଦିନ ତମାମ ଘୁସୁରି ଓ ଗୋରୁଗାଈଙ୍କ ଏହା ଚରାଭୂଇଁ ପାଲଟିଛି। ଛକସ୍ଥଳୀ ହୋଇଥିବାରୁ ଦିନ ତମାମ ଏଠାରେ ପରିବା ବ୍ୟବସାୟୀ, ହୋଟେଲ ଓ ଅନ୍ୟ ବ୍ୟବସାୟୀମାନେ ଜିନିଷପତ୍ର ବିକ୍ରି କରନ୍ତି। କିନ୍ତୁ ସନ୍ଧ୍ୟା ସମୟରେ ଏଠାରେ ପରିବା ଚୋପା ସହ ଅନ୍ୟ ଅଦରକାରୀ ଜିନିଷ ସବୁ ପକାଇ ଚାଲି ଯାଆନ୍ତି। ଏହାଦ୍ୱାରା ସେଠାରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୁଏ। ମୁନିଗୁଡା ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଡଷ୍ଟବିନ୍ ରଖାଯାଇଛି। ଡଷ୍ଟବିନ୍ ପୁରିଯାଇ ଅଳିଆ ବାହାରେ ପଡୁଛି। ଏ ନେଇ ବାରମ୍ବାର ପଞ୍ଚାୟତକୁ ଜଣାଇଲେ ମଧ କୌଣସି ସୁଫଳ ମିଳୁନି। ଏଣେ ପବନ ଯୋଗୁ ଡଷ୍ଟବିନ୍ ବାହାରେ ପଡିଥିବା ଅଳିଆ ଉଡି ଏଣେ ତେଣେ ପଡୁଛି। ଏହା ଦ୍ୱାରା ସହରର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ତେଣୁ ସେ ସବୁ ସ୍ଥାନରୁ ଡଷ୍ଟବିନ୍‌ଗୁଡିକୁ ହଟାଯାଉ, ନଚେତ ସପ୍ତାହକୁ ଥରେ ଡଷ୍ଟବିନ୍ ସଫା କରାଯାଉ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ପଞ୍ଚାୟତ ଓ ବ୍ଲକ ପ୍ରଶାସନକୁ ବାରମ୍ବାର ଜଣାଇଲେ ମଧ ଏ ଦିଗରେ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ପ୍ରଶାସନ ଏ ଦିଗରେ ଉପଯୁକ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଏକ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଲୋକେ ଚେତାବନୀ ଦେଇଛନ୍ତି। ଏଥିସହ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଯିବ ବୋଲି ମୁନିଗୁଡା ବିକାଶ ପରିଷଦ, ଯୁବ ବିକାଶ ପରିଷଦ, ବ୍ୟବସାୟୀ ସଂଘ, ବଜରଙ୍ଗ ଦଳ, ନାଗରିକ ମଞ୍ଚ, ଆଞ୍ଚଳିକ ପରିଷଦ ସଦସ୍ୟମାନେ କହିଛନ୍ତି। ଏ ନେଇ ମୁନିଗୁଡା ବିଡିଓ ଡା. ଦିଲୀପ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ପୂର୍ବରୁ ଆମେ ବ୍ୟବସାୟୀ ଓ ଜନସାଧାରଣଙ୍କୁ ସେଠାରେ ଅଳିଆ ଆବର୍ଜନା ନ ଫୋପାଡିବାକୁ କହିବା ସହ ସଚେତନ କରିଥିଲୁ। ପୁଣି ସେମାନେ ଏପରି ଅଳିଆ ଆବର୍ଜନା ଯଦି ଫୋପାଡୁଛନ୍ତି। ମୁନିଗୁଡା ଏସ୍‌ଡିପିଓ ଚନ୍ଦ୍ରଶେଖର ହୋତା ଓ ପଞ୍ଚାୟତ ଭିଏଲ୍‌ଡବ୍ଲ୍ୟୁ କୈଳାସ ଚନ୍ଦ୍ର ପାତ୍ରଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବୁ। ଯେଉଁମାନେ ପୁନର୍ବାର ଅଳିଆ ପକାଇବେ ସେମାନଙ୍କୁ ଫାଇନ ପକାଯିବ ବୋଲି ସେ କହିଛନ୍ତି। ଯେଉଁ ପର୍ଯ୍ୟନ୍ତ ମୁନିଗୁଡାକୁ ଏନ୍‌ଏସି ମାନ୍ୟତା ଦିଆ ନ ଯିବ, ସେ ପର୍ଯ୍ୟନ୍ତ ଏପରି ସମସ୍ୟା ଲାଗି ରହିବ ବୋଲି ଅଞ୍ଚଳବାସୀ କହିଛନ୍ତି।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ଗୁଣପୁର,୧୫।୧୧(ଡି.ଏନ.ଏ)**



ଉତ୍ସବରେ କ୍ରୀଡ଼ା ମଶାଲ ପରିକ୍ରମା କରାଯାଉଛି ।

ରାୟଗଡା ଜିଲା ଗୁଣପୁର ପୁରାଣା ଖେଳ ପଡିଆଠାରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଡିଓ ଗାୟତ୍ରୀ ଦେବୀ ମୁଖ୍ୟ ଅତିଥି , ବ୍ଲକ ଶିକ୍ଷାଧିକାରୀ ବେଣୁଧର ଜାଲି, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁକଦେବ ଦାସ, ଜଲତାର ହାଇସ୍କୁଲ ପ୍ରଧାନ ଶିକ୍ଷକ ହରିଶ୍ଚନ୍ଦ୍ର ଦାସ ଏବଂ ବିକ୍ରମପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ସୌଭାଗ୍ୟ ପତିତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପିଲାମାନଙ୍କର ପାଠ ସହ ଖେଳର ଆବଶ୍ୟକତା ରହିଥିବା ଅତିଥିମାନେ କହିଥିଲେ । ଏଥିରେ ଗୁଣପୁର ବ୍ଲକର ୨୦ଟି ଉଚ୍ଚବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ୧୦୦, ୨୦୦ ମିଟର ଦୌଡ ସହ ଉଚ୍ଚ ଡିଆଁ, ଲମ୍ଫ ଡିଆଁ, କବାଡି, ଭଲିବଲ, ଜାଭେଲିନ ଥ୍ରୋ ଆଦି ଖେଳ ହୋଇଥିଲା । ୪୦ ଜଣ କୃତୀ ଛାତ୍ରୀଛାତ୍ର ଆସନ୍ତା ୧୭ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଭାଗ ନେବେ । ଅନ୍ୟମାନଙ୍କ ମଧ୍ୟରେ ଗୁଣପୁର ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶସାଙ୍କ ପ୍ରସାଦ ଦାସ ସ୍ୱାଗତ ଭାଷଣ ଦେଇଥିଲେ । ବିଭିନ୍ନ ହାଇସ୍କୁଲର କ୍ରିଡା ଶିକ୍ଷୟିତ୍ରୀ ନନ୍ଦିନୀ ପଣ୍ଡା, ନମିତା ରଥ, ଶିକ୍ଷକ ଗୌତମ ମାଦେଲି ଓ ରମାକାନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସଂକ୍ଷେପରେ

### କନିଷ୍ଠଯନ୍ତ୍ରୀଙ୍କୁ ଆକ୍ରମଣ

ଦଶମନ୍ତପୁର,୧୫।୧୧(ଡି.ଏନ୍.ଏ.)- ଦଶମନ୍ତପୁର ବ୍ଲକ୍ ପାଇକ ଫୁଲବେଡ଼ା ପଞ୍ଚାୟତ ବ୍ଲକ୍ କନିଷ୍ଠ ଯନ୍ତ୍ରୀ ସନ୍ତୋଷ ମହାନ୍ତିଙ୍କୁ ୬ ଜଣ ଲୋକ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏନେଇ ସେ ବିଡିଓ ଏବଂ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ରମେଶ ଖରା, ମନ ନାଉଡିଆ, ନାଏବ ସରପଞ୍ଚ ମକର ଗୋଲରୀ, ଲବ ଜାନି, ହରି ମହାନନ୍ଦିଆ, ମୁରା ସରାଙ୍କ ନାମରେ କନିଷ୍ଠଯନ୍ତ୍ରୀ ଅଭିଯୋଗ କରିଛନ୍ତି। ସରକାରୀ ପ୍ରକଳ୍ପ କାର୍ଯ୍ୟାଦେଶରେ ହେର୍‌ଫେର କରିଥିବା ଅଭିଯୋଗ ନେଇ ତାଙ୍କୁ ଆକ୍ରମଣ କରାଯାଇଥିବା ସନ୍ଦେହ ପ୍ରକାଶ ପାଇଛି। ଆକ୍ରମଣ ଘଟଣାରେ କନିଷ୍ଠଯନ୍ତ୍ରୀ କୋର୍ଟଙ୍କ ଆଶ୍ରୟ ନେବେ ବୋଲି କହିଛନ୍ତି। ସରକାରୀ କର୍ମଚାରୀଙ୍କୁ ଯେଉଁମାନେ ଦୁର୍ବ୍ୟବହାର କିମ୍ବା ଆକ୍ରମଣ କରିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ଡମ୍ବରୁ ଧର ମଲ୍ଲିକ କହିଛନ୍ତି। ବ୍ଲକ୍‌ରେ ନ୍ୟସ୍ତସ୍ୱାର୍ଥ ରଖି ସରକାରୀ ପ୍ରକଳ୍ପର କାର୍ଯ୍ୟାଦେଶ ବଣ୍ଟନ କରାଯାଉଥିବା ସରପଞ୍ଚ ହିରାମଣୀ ଗଦବା କହିଛନ୍ତି।

### ହତ୍ୟା ଅଭିଯୁକ୍ତ କୋର୍ଟ ଚାଲାଣ

ବୈପାରୀଗୁଡ଼ା୧୫।୧୧(ଡି.ଏନ୍.ଏ.): ହତ୍ୟା ମାମଲାରେ ସଂପୃକ୍ତ ଜଣେ ଅଭିଯୁକ୍ତଙ୍କୁ ବୈପାରୀଗୁଡ଼ା ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଦଶମନ୍ତପୁର ପଞ୍ଚାୟତ ଅନ୍ତର୍ଗତ ପାଣ୍ଡିପଡ଼ା ଗ୍ରାମର ଧୋବା ହନ୍ତାଳ। ତାଙ୍କ ବିରୋଧରେ ଏକ ଡକାୟତି ଓ ହତ୍ୟା ଉଦ୍ୟମ ମାମଲା ରହିଥିବା ଥାନା ଅଧିକାରୀ ଅମିତାଭ ଦାସ ସୂଚନା ଦେଇଛନ୍ତି।

### ବାଇକ୍ ଦୁର୍ଘଟଣା: ୨ ଗୁରୁତର

ଲମତାପୁଟ,୧୫।୧୧(ଡି.ଏନ୍.ଏ.): ମାଛକୁଣ୍ଡ ଥାନା ଅନ୍ତର୍ଗତ ବାଜିଗଡ଼ ଛକ ନିକଟରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ମାଛକୁଣ୍ଡ ବିଏସ୍‌ଏଫ୍‌ର ଦେବେନ୍ଦ୍ର ବେହେରା ବାଇକ୍‌ରେ ଯାଉଥିବା ବେଳେ ବିପରୀତ ଦିଗରୁ ବାଜିଗଡ଼ ପଞ୍ଚାୟତର ମାଳିଗୁଡ଼ା ଗ୍ରାମର ପୋଷ୍ଟମାଷ୍ଟର ଧନପତି ଖିଲ ଆସୁଥିଲେ। ଭାରସାମ୍ୟ ହରାଇ ଉଭୟ ବାଇକ୍ ଧକ୍କା ହେବା ପରେ ଦେବେନ୍ଦ୍ର ଓ ଧନପତି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କୋରାପୁଟ ମେଡିକାଲ କଲେଜ ସ୍ଥାନାନ୍ତର କରାଯାଇଛି।

### ବିଜେଡି ଜନ ସଂପର୍କ ପଦଯାତ୍ରା



ଦଶମନ୍ତପୁର,୧୫।୧୧(ଡି.ଏନ୍.ଏ.) କୋରାପୁଟ ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କ ସହଯୋଗ ଓ ଦଶମନ୍ତପୁର ବ୍ଲକ ସଭାପତି ମହେନ୍ଦ୍ର କୁଲଦୀପଙ୍କ ନେତୃତ୍ୱରେ ନନ୍ଦିଗାଁ ପଞ୍ଚାୟତରେ ଜନ ସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ପରିଷଦ ସଭାପତି ପ୍ରଭୁ ଜାନି, ସରପଞ୍ଚ ମହାସଂଘ ସଭାପତି ଭଗବାନ ମୁଦୁଲି, ଦଶମନ୍ତପୁର ବ୍ଲକ ପର୍ଯ୍ୟବେକ୍ଷକ ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ପଦ୍ମନାଭ ଜାନି, ସ୍ଥାନୀୟ ଜିଲା ପରିଷଦ ସଭ୍ୟା ମମତା କୁଲଦୀପ, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ଼ସଭ୍ୟ, ସାମାଜିକ କର୍ମୀ ବୈକୁଣ୍ଠ ମଣ୍ଡଳ, ଆଇନଜୀବୀ ସୁରେଶ ହଡ଼ପ ସାମିଲ ଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ ୱାର୍ଡ଼ କମିଟି ସଂପର୍କରେ ସାଧାରଣ ଜନତାଙ୍କୁ ଅବଗତ କରାଯିବା ସହ ସେମାନଙ୍କ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା।

### ଭାଲୁ କାମୁଡ଼ାରେ ପିଅନ ଗୁରୁତର

ଜୟପୁର/ବୋରିଗୁମ୍ମା,୧୫।୧୧ (ଡି.ଏନ୍.ଏ.): ବୋରିଗୁମ୍ମା ବ୍ଲକ ବିଜାଗୁଡ଼ା ପଞ୍ଚାୟତ ବଣ୍ଡାଗୁଡ଼ା ନର୍ସରୀ ନିକଟରେ ଭାଲୁ କାମୁଡ଼ାରେ ପଞ୍ଚାୟତ ଅଫିସ୍‌ର ପିଅନ ଖଇରୁ ଗୌଡ଼ (୫୦) ଗୁରୁତର ହୋଇଛନ୍ତି। ଗୁରୁବାର ଅପରାହ୍ନ ସାଢ଼େ ୩ଟା ବେଳେ ନର୍ସରୀ ନିକଟସ୍ଥ ବୁଦା ପାଖରେ ଖଇରୁ ପରିସ୍ରା କରୁଥିବା ବେଳେ ହଠାତ୍ ଏକ ବଡ଼ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସେଠାରୁ ଜୟପୁର ଓ ପରେ କୋରାପୁଟ ମେଡିକାଲ କଲେଜ ସ୍ଥାନାନ୍ତର କରାଯାଇଛି।

# ପାହାଡ଼ମୁଣ୍ଡ ୮୬ କ୍ୱାର୍ଟର ଭୂତକୋଠି

## ଏପଟେ ୩ ଗାଁର ଜିଦ୍, ସେପଟେ ପାଣିରେ ପଡ଼ିଛି ଅଢ଼େଇ କୋଟି

ଅମିତାଭ ବେହେରା
କୋରାପୁଟ,୧୫।୧୧

ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ (ହାଲ) ପ୍ରତିଷ୍ଠା ବେଳେ ସୁନାବେଡ଼ା ନିକଟସ୍ଥ ୩ଟି ଗାଁର ଜମି ଯାଇଥିଲା ସତ; କିନ୍ତୁ ଏହି ୩ଟି ଗାଁର ୯୦ ପରିବାର ସରକାରଙ୍କ ବିସ୍ଥାପନ ନୀତିରେ ରାଜି ନହୋଇ ନିଜ ଭିଟାମାଟିରେ ଅଡ଼ି ରହିଲେ। ସେମାନଙ୍କର ଏକର ଏକର ଜମି ଅତି ଶସ୍ତାରେ କିଣିଲେ ସରକାର। ହାଲ୍ ପ୍ରତିଷ୍ଠା ବାଦ୍ ଯେଉଁ ଜମି ଅଦରକାରୀ ରହିଲା, ତାହା ଫେରାଗଲା ନାହିଁ। ଯଦିଓ ସେମାନଙ୍କ ପାଇଁ ପାହାଡ଼ ମୁଣ୍ଡରେ ସରକାର ଅଢ଼େଇ କୋଟି ବ୍ୟୟରେ ୮୬ଟି କ୍ୱାର୍ଟର ନିର୍ମାଣ କରିଛନ୍ତି; କିନ୍ତୁ ଏହି ୩ ଗ୍ରାମବାସୀ ସେଠାକୁ ଯିବା ଲାଗି ଅରାଜି। ନିଜ ଭିଟାମାଟିରେ ସେମାନେ ଏବେ ସମସ୍ତ ପ୍ରକାର ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଦିନ କାଟୁଛନ୍ତି।

ବାପଅଜା ସମୟରୁ ଶହ ଶହ ଏକର ଜମିରେ ଧାନ, ମାଣ୍ଡିଆ, ଅଳସୀ ଓ ପନିପରିବା ଚାଷ କରିଆସୁଥିଲେ ଥଲାପୁଟ, ସିନ୍ଧିପୁଟ ଏବଂ ପାଙ୍ଗିଗୁଡ଼ା ଗ୍ରାମବାସୀ। ହାଲ ପ୍ରତିଷ୍ଠା ପାଇଁ ଉପଯୁକ୍ତ ବିସ୍ଥାପିତ ନୀତି ନଥିବା ଯୋଗୁଁ



ପାହାଡ ମୁଣ୍ଡରେ ଅବ୍ୟବହୃତ ହୋଇ ପଡିରହିଛି ଘର।

ସେମାନଙ୍କଠାରୁ ଏକର ପିଛା ମାତ୍ର ୫୦ରୁ ୧୦୦ ଟଙ୍କା ଦେଇ ଜମି ନିଆଯାଇଥିଲା। ଅଧିଗ୍ରହଣ ସମୟରେ ଏହି ବହୁମୂଲ୍ୟ ଜମି ହାଲ୍ କର୍ତ୍ତୃପକ୍ଷ ନେଇଥିଲେ ମଧ୍ୟ କମ୍ପାନି ଭିତ୍ତିଭୂମି ନିର୍ମାଣ ପରେ ଏବେ ସେଠାରେ ବହୁ ଜମି ଖାଲି ପଡ଼ିଛି। ନିୟମ ଅନୁସାରେ ଏହି ଖାଲି ପଡ଼ିଥିବା ଜମିକୁ ହାଲ୍ ରାଜ୍ୟ ସରକାରଙ୍କୁ ଫେରାଇବା କଥା ଏବଂ ସରକାର ସେହି ଜମିକୁ ଏହାର ମୂଳ ମାଲିକଙ୍କ ହସ୍ତାନ୍ତର କରିବା କଥା। କିନ୍ତୁ ତାହା ହୋଇନାହିଁ ବୋଲି ପାଙ୍ଗିଗୁଡ଼ାର କମଲୁ ପାଙ୍ଗି କହିଛନ୍ତି। ସୁନାବେଡ଼ାରୁ ୫କିମି ଦୂର ତଥା ସ୍ଥାନୀୟ ମୋହନପଡ଼ା ନିକଟସ୍ଥ ୨୬ ନଂ ଜାତୀୟ ରାଜପଥ ପାର୍ଶ୍ୱର ଏକ ପାହାଡ଼ ମୁଣ୍ଡିଆରେ ୮୬ଟି ଘର ତିଆରି କରି କଂପାନୀ ଓ ସରକାର ଉପରୋକ୍ତ ୩ଟି ଗ୍ରାମର ୯୦ ପରିବାରକୁ ସେଠାକୁ ଚାଲିଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ବାପଅଜା ଅମଳର ଶହ ଶହ ଏକର ଜମିରେ ଚାଷ କରି ବଞ୍ଚୁଥିବା ଏହି ଗ୍ରାମବାସୀ ଏଥିରେ ରାଜି ହୋଇନାହାନ୍ତି। କଂପାନୀ ଓ ସରକାର ଯେତେ ବଳ ପ୍ରୟୋଗ କଲେ ମଧ୍ୟ ଭିଟାମାଟି ଛାଡି ଅନ୍ୟ କେଉଁଠିକୁ ଯିବୁନାହିଁ ବୋଲି ପାଙ୍ଗିଗୁଡ଼ାର ରାମ ମୁଦୁଲି କହିଛନ୍ତି। ଜିଲା ପ୍ରଶାସନ ଏହି ୩ଟି ଗ୍ରାମବାସୀଙ୍କ

### ବିଫଳ ବିସ୍ଥାପନ ନୀତି

ନ୍ୟାଯ୍ୟ ଦାବି ପାଇଁ ଚାଲିଥିବା ସଂଗ୍ରାମକୁ ଜୋର ଜବରଦସ୍ତ ବନ୍ଦ କରିବା ପାଇଁ ଚେଷ୍ଟା ଚଳାଇଛି। ଗ୍ରାମର ପୁରୁଷ, ମହିଳା ଓ ଶିଶୁଙ୍କୁ ସେମାନଙ୍କ ଅତ୍ୟାବଶ୍ୟକ ସେବାରୁ ବଞ୍ଚିତ କରାଯାଇଛି ବୋଲି ହାଲ୍ ବିସ୍ଥାପିତ ସଂଘ ସଭାପତି ତ୍ରିଲୋଚନ ମୁଦୁଲି ଅଭିଯୋଗ କରିଛନ୍ତି। ହାଲ୍‌ଠାରୁ ଏକ କିମି ଦୂରରେ ଥିବା ଏହି ୩ଟି ଗ୍ରାମ ପାଇଁ ଭଲ ରାସ୍ତା ନାହିଁ। ଅଙ୍ଗନୱାଡ଼ି କେନ୍ଦ୍ର, ପାନୀୟ ଜଳ, ବିଦ୍ୟୁତ ବ୍ୟବସ୍ଥା ନାହିଁ। ପାଠ ପଢ଼ିବା ପାଇଁ ଖରସ୍ରୋତା ନାଳ ଡେଇଁ ପିଲାମାନେ ସୁନାବେଡ଼ା ଯାଉଛନ୍ତି। ଅନ୍ୟପକ୍ଷରେ ମୋହନପଡ଼ାରେ ୩ ବର୍ଷ ହେଲା ଘର ତିଆରି ହୋଇ ରହିଛି। କିନ୍ତୁ ଗାଁଲୋକେ ସେଠାକୁ ନଯିବାରୁ ଘର ଏବେ ଭାଙ୍ଗିଯିବାକୁ ବସିଲାଣି। ଏହାର ସିଣ୍ଟେକ୍ସ ଓ ପାଣି ପାଇପ୍ ଚୋରି ହୋଇଗଲାଣି। ପ୍ରାୟ ୨.୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ଏହି ୮୬ଟି ଘରର ଭବିଷ୍ୟତକୁ ନେଇ ଜିଲା ପ୍ରଶାସନ ହରଡ଼ଘଣାରେ ପଡ଼ିଛି। ଅନ୍ୟପକ୍ଷରେ ଏହି ମାମଲା ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବା ଯୋଗୁ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ହୋଇପାରୁ ନାହିଁ।

# ଜିଲାସ୍ତରୀୟ ପରବରୁ ବୈପାରୀଗୁଡ଼ା କବାଡି ଟିମ୍ ବାଦ୍

ବୈପାରୀଗୁଡ଼ା୧୫।୧୧(ଡି.ଏନ୍.ଏ.):

ସୂଚନା ଅଭାବରୁ ଜିଲାସ୍ତରୀୟ ପରବରେ କବାଡି ପ୍ରତିଯୋଗିତାରୁ ବାଦ୍ ପଡ଼ିଛି ବୈପାରୀଗୁଡ଼ା ବ୍ଲକ ଟିମ୍। ସୂଚନାଯୋଗ୍ୟ ଯେ ଏଠାରେ ଗତ ୯ ଓ ୧୦ ତାରିଖରେ ଆୟୋଜିତ ବ୍ଲକସ୍ତରୀୟ ପରବରେ ବାଲିଗାଁ ପଞ୍ଚାୟତ କବାଡି ଟିମ୍ ବ୍ଲକ ପକ୍ଷରୁ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲା। ତେବେ ଜିଲାସ୍ତରୀୟ କବାଡି ପ୍ରତିଯୋଗିତା ୧୩ ଓ ୧୪ ତାରିଖରେ ଅନୁଷ୍ଠିତ ହୋଇଥିବା ବେଳେ ଏ ସଂପର୍କରେ କୌଣସି ସୂଚନା ବାଲିଗାଁ ଟିମ୍ ପାଇ ନ ଥିଲା। ଫଳରେ ସେମାନେ ଏଥିରେ ଭାଗ ନେବାରୁ ବଞ୍ଚିତ ହୋଇଥିବା ବ୍ଲକସ୍ତରୀୟ ପରବ କମିଟି ଅଧ୍ୟକ୍ଷ ସୁବାସ ଚନ୍ଦ୍ର ସିଂଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସଂପର୍କରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଯୋଗଯୋଗ କରିବାରୁ ସେ ଘଟଣାର ଅନୁଧ୍ୟାନ କରୁଥିବା କହିଥିଲେ।

# ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା

ପଟ୍ଟାଙ୍ଗି,୧୫।୧୧(ଡି.ଏନ୍.ଏ.)

ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ଏଫ୍ଆଇସି ସଭାଗୃହରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଶୋଭା' ପକ୍ଷରୁ ସ୍ଥାନୀୟ ବ୍ଲକର ୨୫ଟି ବିଦ୍ୟାଳୟର ପ୍ରାୟ ୧୩୦ ଛାତ୍ରୀଛାତ୍ର ଗ୍ରାମଦେବୀ ଗାଙ୍ଗମା'ଙ୍କ ମନ୍ଦିରରୁ ବ୍ଲକ କାର୍ଯ୍ୟାଳୟ ଯାଏଁ ଶିଶୁ ସୁରକ୍ଷା ଓ ଅଧିକାର ପାଇଁ ଶୋଭାଯାତ୍ରାରେ ଯାଇଥିଲେ। ଶିଶୁ ଦିବସ ଅବସରରେ ଗୀତା, ବକ୍ତୃତା, ଚିତ୍ର ଓ କୁଇଜ ଭଳି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗି, ବିଡିଓ କରୁଣାକର ପ୍ରଧାନ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରଞ୍ଜନ ବାଗ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। 'ଶୋଭା'ର ଶିକ୍ଷା ପରାମର୍ଶଦାତା ଶିବଶଙ୍କର ପଟ୍ଟନାୟକ ଓ ସଂଯୋଜକ କୁଳରଞ୍ଜନ ମାଝି, ଅନୁଷ୍ଠାନର ତାଲିମଦାତା ତ୍ରିନାଥ ଗେମେଲ, ରବୀନ୍ଦ୍ର ପଡାଲ, ଦେବ ଜୟପୁରିଆ, କୁନା ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଥାନା ଘେରିଲା କୃଷକ କଲ୍ୟାଣ ମଞ୍ଚ



ଚାଷୀମାନେ କୁନ୍ଦୁରା ଥାନା ଘେରିଛନ୍ତି।

କୁନ୍ଦୁରା,୧୫।୧୧(ଡି.ଏନ୍.ଏ.)

କୁନ୍ଦୁରା ବ୍ଲକ୍ ୧୬ ପଞ୍ଚାୟତର ପ୍ରାୟ ଏକ ହଜାର ଚାଷୀ ରାଜ୍ୟ ସରକାର ଏବଂ ପୋଲିସ ପ୍ରଶାସନ ବିରୋଧରେ କୁନ୍ଦୁରା ଥାନା ଘେରାଉ କରିଛନ୍ତି। କୋରାପୁଟ ଜିଲା କୃଷକ ମଞ୍ଚ ଏବଂ ନବନିର୍ମାଣ କୃଷକ ସଙ୍ଗଠନ ତରଫରୁ ଚାଷୀମାନେ ଏହି ଘେରାଉରେ ସାମିଲ ଥିଲେ। ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ପଞ୍ଚାୟତସ୍ତରରୁ ଥାନା ଘେରାଉ କରାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ପୋଲିସ ପ୍ରଶାସନ ରାଜ୍ୟ ସରକାରଙ୍କ ହାତ ବାରେସୀ ସାଜିଛି। ଭୁବନେଶ୍ୱରରେ ହଜାର ହଜାର ଚାଷୀ ଧାରଣାସ୍ଥଳକୁ ଯିବା ପୂର୍ବରୁ ସେମାନଙ୍କୁ ଘଉଡାଇଦେବା ଏହାର ଜ୍ୱଳନ୍ତ ଉଦାହରଣ ବୋଲି ମଞ୍ଚ ଅଭିଯୋଗ କରିଛି। କୁନ୍ଦୁରା ବ୍ଲକ୍‌ରେ ଶହଶହ ଏକର ଧାନଚାଷ ନଷ୍ଟ ହୋଇଛି। ଏଥିପାଇଁ ଏବେ ଚାଷୀ ହତାଶ ହୋଇଛନ୍ତି। ବହୁ ଅଭିଯୋଗ ହେଉଥିଲେ ମଧ୍ୟ କୋରାପୁଟ ଜିଲାରେ ସ୍ଥାୟୀ ମଣ୍ଡି ହୋଇପାରିନାହିଁ। ଏହାଫଳରେ ଚାଷୀମାନେ ଧାନ ଠିକ୍ ଭାବେ ବିକ୍ରୀ କରିପାରୁ ନାହାନ୍ତି। ସରକାରୀ ନିର୍ଦ୍ଦେଶ ଅନୁସାରେ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ମଣ୍ଡିସ୍ଥଳରେ ଯେଉଁସବୁ ସୁବିଧାସୁଯୋଗ ଯୋଗାଇ ଦିଆଯିବାକୁ ଥିବାବେଳେ,ତାହା କରାଯାଉ ନାହିଁ। ଏଥିପାଇଁ ଚାଷୀମାନେ ଖରିଫ ଏବଂ ରବି ଋତୁର ଅମଳ ଉପଯୁକ୍ତ ସମୟରେ ବିକ୍ରୀ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ପରମୁହୂର୍ତ୍ତରେ ଚାଷୀମାନେ ଧାନର ଅଭାବୀ ବିକ୍ରୀ ଅବସ୍ଥା ଭୋଗୁଛନ୍ତି। ମିଲ୍ ମାଲିକ ଏବଂ ପ୍ରଶାସନ ମଧ୍ୟରେ ମଧୁଚନ୍ଦ୍ରିକାରେ ଚାଷୀମାନଙ୍କ ଠୁ କୁଇଣ୍ଟାଲ ପିଛା ୪/୫ କି.ଗ୍ରା ଧାନ କାଟ୍ କରାଯାଉଥିବା କୃଷକ କଲ୍ୟାଣ ମଞ୍ଚ ସଂଯୋଜକ ନରେନ୍ଦ୍ର ପ୍ରଧାନ କହିଛନ୍ତି। ସେହିଭଳି ଋଣ ଦେବା ସମୟରେ ବିଭିନ୍ନ ଆଳ ଏବଂ ଲ୍ୟାମ୍ପସ୍ ଦ୍ୱାରା ଇନସ୍ୟୁରାନ୍ସ କରାଯାଇଥାଏ। କିନ୍ତୁ ଅମଳ କିମ୍ବା ଧାନ ଫସଲ କ୍ଷତି ଘଟିଲେ କ୍ଷତିପୂରଣ ମିଳିପାରୁ ନ ଥିବା ଯୋଗୁ ଚାଷୀ ହଇରାଣ ହରକତ ହେଉଛନ୍ତି। ଏଥିପାଇଁ ସରକାର ଦାୟି ବୋଲି କୋଟପାଡ଼ ବିଧାନସଭା ଭାଜପା ସଂଯୋଜକ ରାଧାବିନୋଦ ସାନ୍ତ୍ରା କହିଛନ୍ତି। ଗୁରୁବାର ଚାଷୀମାନେ କୁନ୍ଦୁରା ଥାନା ସମ୍ମୁଖରେ ପ୍ରାୟ ଦୁଇ ଘଣ୍ଟା ରାସ୍ତା ଅବରୋଧ କରିଥିବା ଯୋଗୁ ଗମନାଗମନ ଘୋର ବାଧାପ୍ରାପ୍ତ ହୋଇଥିଲା। ଏଥିରେ ରାଧାନାଥ ଭଞ୍ଜ, ପ୍ରମୋଦ ପଟ୍ଟନାୟକ, ଏସ୍ ଭଞ୍ଜ, ଅମିତ ପଟ୍ଟନାୟକ, ଉପେନ୍ଦ୍ର ପାଣିଗ୍ରାହୀ, ବିଜୟ ପଣ୍ଡା, ବିକାଶ ଭଞ୍ଜ ପ୍ରମୁଖ ସାମିଲ ଥିଲେ। ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ଶ୍ୱେତାସ୍ନିଗ୍ଧା ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# ପୂଜ୍ୟପୂଜା କମିଟିର ନେହରୁ ଜୟନ୍ତୀ

କୋଲାବନଗର,୧୫।୧୧(ଡି.ଏନ୍.ଏ.)

କୋରାପୁଟ ସଦର ଅନ୍ତର୍ଗତ କୋଲାବନଗର ସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟରେ ସ୍ଥାପିତ ପଣ୍ଡିତ ଜବାହରଲାଲ ନେହେରୁଙ୍କ ପ୍ରତିମୂର୍ତ୍ତିରେ ପୂଜ୍ୟପୂଜା କମିଟି ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। କମିଟିର ସମ୍ପାଦକ ଆଶିଷ କୁମାର ପାଢ଼ି ତଥା ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷକ ଏଥିରେ ଉପସ୍ଥିତ ଥିଲେ। ଏହି ଅବସରରେ ପୂଜ୍ୟପୂଜା କମିଟି ତରଫରୁ ନେହେରୁଙ୍କ ଜୀବନୀ ଉପରେ ଏକ ବକ୍ତୃତା ଓ କବିତା ଲିଖନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ୪ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍, ମହାପୁରୁଷଙ୍କ ପୁସ୍ତକ ଓ କଲମ ପ୍ରଦାନ କରାଯାଇଥିଲା। ଶେଷରେ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ ହୋଇଥିଲା। ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ପୂଜ୍ୟପୂଜା କମିଟିର ସଭ୍ୟ କାମାକ୍ଷୀପ୍ରସାଦ ପାଢ଼ୀ ନେହେରୁଙ୍କ ଜୀବନୀ ଓ ଶିଶୁ ଦିବସର ତାତ୍ପର୍ଯ୍ୟ ବାବଦରେ ପୁଙ୍ଖାନୁପୁଙ୍ଖ ବକ୍ତବ୍ୟ ରଖିଥିଲେ।

# ଏଯାଏଁ ପାଣି ପାଇଲେନି ବାସିନ୍ଦା

ଦଶମନ୍ତପୁର,୧୫।୧୧(ଡି.ଏନ୍.ଏ.)–

କୋରାପୁଟ ଜିଲା ଦଶମନ୍ତପୁର ଅନ୍ତର୍ଗତ ସୁଜାଙ୍ଗ ପଞ୍ଚାୟତ ଅଧୀନ ଡେଙ୍ଗାଜାନୀଗୁଡ଼ାର ପାନୀୟଜଳ ଯୋଗାଣ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଦୁଇବର୍ଷ ଶେଷ ହୋଇଛି। ହେଲେ ଏହା ଗ୍ରାମବାସୀଙ୍କ କାର୍ଯ୍ୟରେ ଆସୁ ନଥିବା ଅଭିଯୋଗ ହୋଇଛି। ବାସିନ୍ଦାଙ୍କ କହିବାନୁସାରେ, ୨୦୧୬-୧୭ ଆର୍ଥିକ ବର୍ଷରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୨୦୧୭-୧୮ ଆର୍ଥିକ ବର୍ଷରେ ଶେଷ ହୋଇଛି। ଏହାର ଅଟକଳ ୧୦ ଲକ୍ଷ ଟଙ୍କା ରହିଥିବାବେଳେ ଦାମନଯୋଡ଼ି ନାଲ୍‌କୋ ପକ୍ଷରୁ ଅନୁଦାନ ରାଶି ଯୋଗାଇ ଦିଆଯାଇଛି। ଏହାର ତଦାରଖ ଦାୟିତ୍ୱ କୋରାପୁଟ ଆଇଟିଇଡିଏକୁ ପ୍ରଦାନ କରାଯାଇଥିଲା। ଛୋଟାଗୁଡ଼ା ଗ୍ରାମର ଜଣେ ଠିକାଦାରକୁ ଏହାର ନିର୍ମାଣ କାର୍ଯ୍ୟ କରିଛନ୍ତି। କିନ୍ତୁ ସମ୍ପୃକ୍ତ ଠିକାଦାର ଏହି କାମ ନିମ୍ନମାନର କରିଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିରେ ବିଭାଗୀୟ ସହକାରୀଯନ୍ତ୍ରୀ ଏବଂ କନିଷ୍ଠଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ରହିଥିବା ମଧ୍ୟ ଅଭିଯୋଗ ହୋଇଛି। ପ୍ରକଳ୍ପ କାର୍ଯ୍ୟରେ ପ୍ରତି ସାହିରେ ଷ୍ଟାଣ୍ଡପୋଷ୍ଟ ମଧ୍ୟ ନିର୍ମାଣ ହୋଇଛି , କିନ୍ତୁ ଦୁଇବର୍ଷ ହେଲା ଏଥିରେ ଜଳଯୋଗାଣ

### ପ୍ରକଳ୍ପକୁ ଦୁଇବର୍ଷ ପୂରିଲା



- ଠିକାଦାର-କନିଷ୍ଠଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକା ଅଭିଯୋଗ
- ଜିଲା କାର୍ଯ୍ୟାଳୟ ଘେରିବେ ବାସିନ୍ଦା

କରାଯାଉନାହିଁ। ଗ୍ରାମର ନକୁଳ ବିଶୋଇ, ମଇନା ଜାନୀ, ଗୁରୁଜାନୀ, ପଦ୍ମନାଭ ବିଶୋଇ ପ୍ରମୁଖ ଏପରି ଅଭିଯୋଗ କରିଛନ୍ତି। କିନ୍ତୁ ଗ୍ରାମ ନିକଟସ୍ଥ ଫୁଲଗଛ ଉଷାମୁଣ୍ଡ ଚୁଆରୁ ଗ୍ରାମବାସୀ ପାଣି ସଂଗ୍ରହ କରୁଛନ୍ତି। ଏହି ପାଣି ସେବନ କରି ଲୋକେ ବିଭିନ୍ନ ରୋଗରେ ପଡୁଥିବା ଅଭିଯୋଗ ହୋଇଛି। ଡେଙ୍ଗାଜାନୀଗୁଡ଼ାର ଗ୍ରାମରେ ବିଭିନ୍ନ ସମ୍ପ୍ରଦାୟର ପ୍ରାୟ ୧୩୦ ପରିବାର ବସବାସ କରିଛନ୍ତି। ଏମାନଙ୍କୁ ପ୍ରଶାସନ ପକ୍ଷରୁ ମାତ୍ର ୨ଟି ନଳକୂଅ ଯୋଗାଇ ଦିଆଯାଇଛି। ଏଠାରେ ମହିଳାଙ୍କ ଲମ୍ବା ଲାଇନ୍ ଲାଗୁଛି। ନଳକୂଅଗୁଡ଼ିକ ସବୁବେଳେ ବ୍ୟବହାର ଉପଯୋଗ ରହୁନାହିଁ। ଏ ସମ୍ପର୍କରେ ସମ୍ପୃକ୍ତ ସହକାରୀଯନ୍ତ୍ରୀ ମନୋଜ କୁମାର ଗଡ଼ନାୟକଙ୍କ ସହିତ ଯୋଗାଯୋଗ ହୋଇପାରି ନାହିଁ। ଜିଲାପାଳ ଏଥିରେ ହସ୍ତକ୍ଷେପ କରିବାକୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନଚେତ୍ ଜିଲା କାର୍ଯ୍ୟାଳୟ ଘେରିବାକୁ ଚେତାବନୀ ଦେଇଛନ୍ତି।

# ଚାଚାଜୀଙ୍କ ପାଇଁ ଗୋଟିଏ ଦିନ




କୋଟପାଡ଼ ତାଲୁକ ଆଇନ ସହାୟତା ସମିତି ପକ୍ଷରୁ ଶିଶୁଦିବସ କାର୍ଯ୍ୟକ୍ରମ।

ଦାମନଯୋଡି/ଚାନ୍ଦିଲି(କୋଟପାଡ଼), ୧୫।୧୧(ଡି.ଏନ୍.ଏ.)

ଦାମନଯୋଡ଼ି ସ୍ଥିତ ନାଲ୍‌କୋ ଶିଳ୍ପାଞ୍ଚଳସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରରେ ଶିଶୁ ଦିବସ ପାଳିତ ହୋଇଛି। ଏଥିରେ ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ରବିଶଙ୍କର ଦାସ, ସମ୍ପାଦକ ଅଶୋକ ପଟ୍ଟନାୟକ, ଅଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ବାହିନୀପତି ଉପସ୍ଥିତ ଥିଲେ। ବୃନ୍ଦାବନ ଖଣ୍ଡୁଆଳ, ବୀରେନ୍ଦ୍ର ରାଉତ, ଏସ୍. ରଥ ଏକକ ସଙ୍ଗୀତ ଗାନ କରିଥିଲେ। ଆଚାର୍ଯ୍ୟା ଆଚାର୍ଯ୍ୟମାନଙ୍କ ଦ୍ୱାରା ସ୍ୱଚ୍ଛ ଭାରତ ଅଭିଯାନ ସମ୍ପର୍କରେ ଏକାଙ୍କିକା ମଞ୍ଚସ୍ଥ ହୋଇଥିଲା। ଶିକ୍ଷୟିତ୍ରୀ ସୁଷମା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।
କୋଟପାଡ଼ ତାଲୁକ ଆଇନ ସହାୟତା ସମିତି ପକ୍ଷରୁ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିଶୁଦିବସ ପାଳିତ ହୋଇଛି। ସମିତି ଅଧ୍ୟକ୍ଷ ନିଶାକର ସାହୁଙ୍କ ଅଧ୍ୟକ୍ଷତାରେ ଅରବିନ୍ଦ ଯୋଗାଳୟ ଟ୍ରଷ୍ଟ ପକ୍ଷରୁ ସଭାପତି ବିନୋଦ ଦାସ ଅତିଥି ପରିଚୟ ଏବଂ ଓକିଲ ସଂଘ ସଭାପତି ମଣିପ୍ରସାଦ ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ଉପସଭାପତି ରାଜେନ୍ଦ୍ର ପ୍ରସାଦ ନାୟକ, ସରକାରୀ ଓକିଲ କିଶୋର ମିଶ୍ର, ସମିତି ସଦସ୍ୟ ଡ. ସତ୍ୟନାରାୟଣ ବ୍ରହ୍ମା ପ୍ରମୁଖ ଶିଶୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ ପଟ୍ଟନାୟକ, ଶିକ୍ଷକ ବିପିନ ବିହାରୀ ପଟ୍ଟନାୟକ, କୋର୍ଟ କର୍ମଚାରୀ କାହ୍ନୁଚରଣ ନାୟକ, ତାରାକାନ୍ତ ପାଣିଗ୍ରାହୀ, ଆଶିଷ ବାରିକ, କମଳାକାନ୍ତ ବେହେରା ସହଯୋଗ କରିଥିଲେ।

# କାମରେ ଆସୁନି ଏକାଧିକ କାର୍ଯ୍ୟାଳୟ

କଳ୍ପତରୁ ମହାନ୍ତି
ବୈପାରୀଗୁଡ଼ା,୧୫।୧୧

ସରକାରୀ ଅନୁଦାନରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ତିଆରି ହେଉଛି କାର୍ଯ୍ୟାଳୟ। ବିଡ଼ମ୍ବନା, ସେସବୁ କାମରେ ଆସିବା ବଦଳରେ ଅଦରକାରୀ ଭାବେ ପଡ଼ିରହିଛି। ଅନେକ କୋଠା ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଥିବା ବେଳେ ସେଠାରେ ଅସାମାଜିକ ଲୋକଙ୍କ ଆଡ୍ଡା ଜମୁଛି।

ବୈପାରୀଗୁଡ଼ା-ରାମଗିରି ରାସ୍ତାରେ ସଦରରୁ ପ୍ରାୟ ୧ କିମି ଦୂରରେ ରହିଛି ଗ୍ରାମ୍ୟ ନିର୍ମାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ। ଏହା ଆଗରେ ଓଡ଼ିଆରେ ବଡ଼ ଅକ୍ଷରରେ ନାମଫଳକ ଲାଗିଛି। ୪ ବର୍ଷ ତଳୁ ଏହି କାର୍ଯ୍ୟାଳୟ ନିର୍ମାଣ ହେବା ପରଠାରୁ କୌଣସି ଅଧିକାରୀଙ୍କୁ ଅଫିସ୍ ଆସିବା ସ୍ଥାନୀୟ ଲୋକେ କେହି ଦେଖିନାହାନ୍ତି। ଅଫିସ ରୁମ୍ ଓ ଫାଟକରେ ସର୍ବଦା ତାଲା ଝୁଲୁଛି। ଘର ବାହାରେ ଅନାବନା ଗଛ ଉଠି ବଣ ହେଲାଣି। ଏଠାରେ ନିର୍ବାହୀ ଯନ୍ତ୍ରୀ ଓ ୨ ଜଣ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ରହିବା ପାଇଁ କ୍ୱାର୍ଟର ମଧ୍ୟ ରହିଛି। ସେଗୁଡ଼ିକର ମଧ୍ୟ ଅନୁରୂପ ଅବସ୍ଥା। ୫ ବର୍ଷ ତଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବୈପାରୀଗୁଡ଼ାକୁ ଉପଖଣ୍ଡ ମାନ୍ୟତା ମିଳିଥିଲା। କିନ୍ତୁ ତାହା ଏପର୍ଯ୍ୟନ୍ତ କାଗଜ କଲମରେ ଚାଲୁଛି। ବିଭାଗୀୟ



### ପାଣିରେ ପଡ଼ିଛି ସରକାରୀ ଅର୍ଥ

- ଖତ ଖାଉଛି ଗ୍ରାମ୍ୟ ନିର୍ମାଣ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଳୟ
- ବନ୍ଦ ପଡ଼ିଛି ଓଟିଇଏଲ୍‌ପି କାର୍ଯ୍ୟାଳୟ
- ନିର୍ମାଣ ପରଠୁ ଖୋଲିନି ଷ୍ଟାଟିଷ୍ଟିକାଲ ଅଫିସ
- କାମରେ ଆସୁନି ଉଦ୍ୟାନ ବିଭାଗ ପ୍ରଶିକ୍ଷଣ କେନ୍ଦ୍ର

ଅଧିକାରୀଙ୍କ ଅଫିସ୍ ଥିବା ସତ୍ତ୍ୱେ ଏବେ ବି ପୂର୍ବ ପରି ସେହି ଅଧିକାରୀ ଜଣଙ୍କ କୋରାପୁଟ ଡିଭିଜନ କାର୍ଯ୍ୟାଳୟରେ ବସି କାମ କରୁଛନ୍ତି। ଏ ସଂପର୍କରେ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ବିଦ୍ୟୁତ ସଂଯୋଗ ନ ଥିବାରୁ ଅଫିସ୍ କାର୍ଯ୍ୟକାରୀ ହେଉ ନ ଥିବା ସଫେଇ ଦେଇଛନ୍ତି।

ସେହିପରି ସ୍ଥାନୀୟ ତହସିଲ ଅଫିସ ନିକଟରେ ୧୦ ବର୍ଷ ତଳେ ଓଟିଇଏଲ୍‌ପି କାର୍ଯ୍ୟାଳୟ ଖୋଲିଥିଲା। ନବ ନିର୍ମିତ ଏହି ଅଟ୍ଟାଳିକାକୁ ତତ୍କାଳୀନ ଅନୁସୂଚିତ ଜାତି ଜନଜାତି କମିଶନର ସନ୍ତୋଷ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକାରୀ ହେବାର କିଛିଦିନ ପରେ ତାହା ବନ୍ଦ ହୋଇଗଲା। କୌଣସି କର୍ମଚାରୀ ନ ଥିବାବେଳେ ଏହା ଏବେ ଖତ ଖାଉଛି। ତହସିଲ ଅଫିସରୁ କିଛି ଦୂରରେ ବୈପାରୀଗୁଡ଼ା-ଦିଗାପୁର ରାସ୍ତାରେ ମଧ୍ୟ ଅନେକ ଛୋଟ ବଡ଼ ଅଟ୍ଟାଳିକା ରହିଛି, ସେଗୁଡ଼ିକର ମଧ୍ୟ ସମାନ ଅବସ୍ଥା। ଷ୍ଟାଟିଷ୍ଟିକାଲ ଅଫିସ ନାମରେ ଏକ ଫଳକ ଥିବା କାର୍ଯ୍ୟାଳୟ ୨ ବର୍ଷ ତଳୁ ନିର୍ମାଣ ହୋଇଥିବା ବେଳେ ଏଯାବତ୍ ତାହା ଖୋଲିନାହିଁ। ଏହା ନିକଟରେ ତହସିଲ କାର୍ଯ୍ୟାଳୟର କର୍ମଚାରୀଙ୍କ ରହିବା ପାଇଁ ୨ଟି କ୍ୱାର୍ଟର ୧୦ ବର୍ଷ ତଳୁ ରହିଛି। କିନ୍ତୁ ନିକାଞ୍ଚନ ସ୍ଥାନ ଯୋଗୁଁ ସେଠାରେ କୌଣସି କର୍ମଚାରୀ ରହିବାକୁ ମଙ୍ଗୁନାହାନ୍ତି। ଫଳରେ କ୍ୱାର୍ଟରରେ ଲାଗିଥିବା ପାଣିଟାଙ୍କି ଚୋରି ହୋଇଗଲାଣି। କବାଟ ଝରକା ଭାଙ୍ଗି ଲୋକେ ନେଇଗଲେଣି। ସେହିପରି ସେଠାରେ ଉଦ୍ୟାନ ବିଭାଗ ପକ୍ଷରୁ ଏକ ପ୍ରଶିକ୍ଷଣ କେନ୍ଦ୍ର ନାମରେ ଏକ ବଡ଼ ଅଟ୍ଟାଳିକା ମଧ୍ୟ କାମରେ ଆସୁନାହିଁ। ଏବେ ସେଠାରେ ୨ ମହଲା କୋଠା ନିର୍ମାଣ ସରିଥିବା ବେଳେ ତାହା କେଉଁ ବିଭାଗର ଜଣାପଡ଼ିନାହିଁ।